# ଆଜି ୟୁପିରେ ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ

ଲକ୍ଷ୍ନୌ,୬।୩(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ସୋମବାର ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରାଣସୀ ଲୋକ ସଭା ନିର୍ବାଚନମଣ୍ଡଳୀ ସମେତ ୫୪ ଆସନରେ ଭୋଟରମାନେ ୬୧୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଆଜମଗଡ଼, ମାଉ, ଜଉନପୁର, ଗାଜିପୁର, ଚାଣ୍ଡୌଲି, ବାରାଣସୀ, ମିର୍ଜାପୁର, ଭଦୋହି ଏବଂ ସୋନଭଦ୍ରା ଜିଲାରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶାସକ ଭାଜପା ଏବଂ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ନେଇ ପରସ୍ପରକୁ ସମାଲୋଚନା କରିଥିଲେ।

୫୪ ଆସନରେ ମତଦାନ ସହ ଦୀର୍ଘ ମାସେ ହେଲା ଉତ୍ତରପ୍ରଦେଶରେ ଲାଗିରହିଥିବା ଭୋଟିଂ ପ୍ରକ୍ରିୟା ଶେଷ ହେବାକୁ ଯାଉଛି। ଜାନୁୟାରୀରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଫେବୃୟାରୀ ୧୦ରୁ ଏଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୦ରେ ୟୁପି ସମେତ ୫ ରାଜ୍ୟରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।



ବାରାଣସୀରେ ଭୋଟ ପାଇଁ ପୋଲିଂ କର୍ମଚାରୀମାନେ ଇଭିଏମ୍ ଓ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରୁଛନ୍ତି।

## ୬ ପ୍ରାର୍ଥୀଙ୍କ ଭୋଟଠାରୁ ନାକଚ ଅଧିକ

ଚଣ୍ଡିଖୋଲ,୬।୩(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଚମ୍ପାପୁର ପଞ୍ଚାୟତରେ ଚଳିତ ପଞ୍ଚାୟତ ନିର୍ବାଚନରେ ଏକ ନିଆରା ଫଳାଫଳ ଦେଖିବାକୁ ମିଳିଛି। ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬ପ୍ରାର୍ଥୀଙ୍କ ଭୋଟ୍ ସଂଖ୍ୟା ନାକଚ ଭୋଟ ସଂଖ୍ୟାଠାରୁ କମ୍ ରହିଛି। ଏଠାରେ ୬ଜଣ ପ୍ରାର୍ଥୀ ମୋଟ୍ ୪୯ ଖଣ୍ଡ ଭୋଟ୍ ପାଇଥିବାବେଳେ ୮୫ ଖଣ୍ଡ ଭୋଟ୍ ନାକଚ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତରେ ୮ ଜଣ ପ୍ରାର୍ଥୀ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏହି ପଞ୍ଚାୟତରେ ୩୩୭୧ଜଣ ମତଦାତା ମତଦାନ କରିଥିଲେ। ପ୍ରାର୍ଥୀ ଅକ୍ଷୟ କୁମାର ରାଉତ ୧୫ ଖଣ୍ଡ, ଆଲୋକ କୁମାର ରାଉତ ୨ ଖଣ୍ଡ, ଉମେଶ କୁମାର ସ୍ୱାଇଁ ୨୪ ଖଣ୍ଡ, ଦୀପ୍ତିରଞ୍ଜନ ପ୍ରଧାନ ୩ ଖଣ୍ଡ, ଲକ୍ଷ୍ମୀଧର ସାହୁ ୫ ଖଣ୍ଡ ଓ କ୍ଷୀରୋଦ ସାମଲ ଆଦୌ ଭୋଟ ପାଇନାହାନ୍ତି। ଏଠାରେ ସୁଲୋଚନା ପ୍ରଧାନ ୧୭୯୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାସୁଦେବ ସ୍ୱାଇଁ ୧୪୪୨ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି। ଆଶ୍ଚର୍ଯ୍ୟର କଥା ପ୍ରାର୍ଥୀ ହୋଇଥିବା କ୍ଷୀରୋଦ ସାମଲ ନିଜ ଭୋଟ ମଧ୍ୟ ନିଜ ଚିହ୍ନରେ ଦେଇନାହାନ୍ତି। ତେବେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବାଦ୍ ଦେବା ପରେ ଅନ୍ୟ ୬ଜଣ ପ୍ରାର୍ଥୀଙ୍କ ମୋଟ୍ ଭୋଟ ସଂଖ୍ୟା ନାକଚ ଭୋଟଠାରୁ କମ୍ ରହିବାକୁ ନେଇ ପଞ୍ଚାୟତରେ ଚର୍ଚ୍ଚା ଜୋର ଧରିଛି।

# ଶ୍ରୀତମ ଭାଜପା ମେୟର ପ୍ରାର୍ଥୀ

**କଟକ ମହାନଗର ନିଗମ ନିର୍ବାଚନ**

କଟକ ଅଫିସ,୬।୩

ପୌର ନିର୍ବାଚନ ପାଇଁ ସରଗରମ ହେଲାଣି କଟକ ସହର ରାଜନୀତି। ଚଳିତବର୍ଷ ପ୍ରଥମ ଥର ପାଇଁ ମେୟର ଲାଗି ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ରବିବାର ଭାଜପା ପକ୍ଷରୁ କଟକ ମହାନଗର ନିଗମ(ସିଏମ୍ସି) ପାଇଁ ମେୟର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଅଭିନେତାରୁ ରାଜନେତା ସାଜିଥିବା ଶ୍ରୀତମ ଦାସଙ୍କ ଉପରେ ଦଳ ଆସ୍ଥାପ୍ରକଟ କରି ତାଙ୍କ ନାମ ଘୋଷଣା କରିଥିବା ସିଡିଏସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ସୂଚନା ଦେଇଛନ୍ତି। ପରେ ଶ୍ରୀତମ ଦଳୀୟ ସମର୍ଥକଙ୍କ ସହିତ ଯାଇ କଟକ ଶହୀଦ ଭବନରୁ ପ୍ରାର୍ଥିପତ୍ର କିଣିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଶ୍ରୀତମ ଭାଜପାରେ ଯୋଗଦେଇଥିଲେ। ସେବେଠାରୁ ସେ ଦଳରେ ରହିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏ ସମ୍ପର୍କରେ ଶ୍ରୀତମ କହିଛନ୍ତି, କଟକ ସହରରେ ଅନେକ ସମସ୍ୟା ରହିଛି। ଏହି ସମସ୍ୟାକୁ ଆଧାର ମୁଁ ନିର୍ବାଚନ ଲଢୁଥିବାରୁ କଟକିଆ ନିଶ୍ଚୟ ମୋତେ ସାଥ୍ ଦେବେ। କୋଭିଡ୍ ସମୟରେ ସାମାଜିକ ଅନୁଷ୍ଠାନଗୁଡିକୁ ଏକତ୍ରିତ କରି ଯଥାସାଧ୍ୟ ଲୋକଙ୍କୁ ସାହାଯ୍ୟ କରିଥିଲି। ମେୟର ପ୍ରାର୍ଥୀ ହେବା ପୂର୍ବରୁ ପ୍ରତ୍ୟେକ ସାହିବସ୍ତିରେ ଚା' ଖଟି କରି ଲୋକଙ୍କ ସମସ୍ୟା ବୁଝି ତାଙ୍କ ପାଖରେ ପହଞ୍ଚି ପାରିଛି। ଦଳର ନିଷ୍ପତ୍ତି କ୍ରମେ ମୋତେ ମେୟର ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଗତ ବୁଧବାର କଂଗ୍ରେସ ଗିରିବାଳା ବେହେରାଙ୍କ ନାମ ମେୟର ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଶନିବାର ବିଜେଡି ସୁବାସ ସିଂଙ୍କ ନାମ ଘୋଷଣା କରିଥିଲା।



ଶ୍ରୀତମ ଦାସ

## ମୋଦିଙ୍କ ସଭାରେ ରାଜ୍ୟପାଳଙ୍କୁ ସମାଲୋଚନା କଲେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ

ପୁଣେ,୬।୩

ମହାରାଷ୍ଟ୍ରର ପୁଣେଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସଭାରେ ଉପସ୍ଥିତ ଥିବା ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସମାଲୋଚନା କରିଛନ୍ତି। ଉଚ୍ଚ ପଦ ପଦବୀରେ ଥିବା କେତେଜଣ ଲୋକ ଅନାବଶ୍ୟକ ମନ୍ତବ୍ୟ ଦେଉଛନ୍ତି, ଯାହା ରାଜ୍ୟବାସୀଙ୍କ ପାଇଁ ଗ୍ରହଣୀୟ ନୁହେଁ ବୋଲି ଅଜିତ ରାଜ୍ୟପାଳଙ୍କୁ ଇଙ୍ଗିତ କରି କହିଥିଲେ। ପ୍ରଧାନମନ୍ତ୍ରୀ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଇଥିବାବେଳେ ପୁଣେର ଏମ୍ଆଇଟି କଲେଜ ପଡ଼ିଆରେ ଏକ ସଭାରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସମର୍ଥ ରାମଦାସ ଛତ୍ରପତି ଶିବାଜୀଙ୍କ ଗୁରୁ ଥିଲେ ବୋଲି ରାଜ୍ୟପାଳ କୋଶିୟାରୀ ନିକଟରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ମହାବିକାଶ ଅଘାଡ଼ି ସରକାରର କେତେକ ନେତା ଏବଂ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ଅଜିତ ପାୱାର କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ ଓ ତାଙ୍କ ମାଆ ରାଜମାତା ଜିଜାଉ ସ୍ୱରାଜ୍ୟ ଗଠନ କରିଥିଲେ। ମହାତ୍ମା ଜ୍ୟୋତିବା ଫୁଲେ ଏବଂ କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେ ନାରୀ ଶିକ୍ଷାର ମୂଳଦୁଆ ପକାଇଥିଲେ। କାହା ପ୍ରତି ଆକ୍ରୋଶ ନ ରଖି ଓ ବିକାଶମୂଳକ କାର୍ଯ୍ୟରେ ରାଜନୀତି ନ ଆଣି ଆମେ ସେମାନଙ୍କ ଲିଗାସିକୁ ଆଗେଇନେବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।



ଅଜିତ ପାୱାର

## ବିଏମ୍ସି ପାଇଁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା

ବ୍ରହ୍ମପୁର ଅଫିସ,୬।୩

- ବିଜେଡିରେ ବଢ଼ିଲା ଅସନ୍ତୋଷ
- ବିଭିନ୍ନ ଦଳର ୫୬ କର୍ପୋରେଟର ପ୍ରାର୍ଥୀଙ୍କ ନାମାଙ୍କନ

ବ୍ରହ୍ମପୁର ପୌର ନିର୍ବାଚନ ପାଇଁ ରବିବାର କର୍ପୋରେଟର ପାଇଁ ୫୬ ଓ ମେୟର ଲାଗି ଜଣେ ମହିଳା ନିତା କୁମାରୀ ପଣ୍ଡା ନାମାଙ୍କନ ଦାଖଲ କରିଛନ୍ତି। କର୍ପୋରେଟର ପ୍ରାର୍ଥୀଙ୍କ ମଧ୍ୟରେ ବିଭିନ୍ନ ଦଳ ଓ ସ୍ୱାଧୀନ ଅଛନ୍ତି। ଅପରପକ୍ଷରେ ବିଜେଡିର ୪୨ ଜଣଙ୍କ ନାମ ଘୋଷଣା ହୋଇଥିଲେ ମଧ୍ୟ କେତେକ ନାମାଙ୍କନ ଦେଇଛନ୍ତି ଓ ଅନ୍ୟମାନେ ଶେଷ ଦିବସ ସୋମବାର ଦାଖଲ କରିବେ। ସେହିପରି ଭାଜପାରୁ ଅନେକ ଦାଖଲ କରିଛନ୍ତି। ତେବେ କଂଗ୍ରେସର ପୂର୍ଣ୍ଣାଙ୍ଗ କର୍ପୋରେଟର ତାଲିକା ରବିବାର ସୁଦ୍ଧା ଘୋଷଣା ହୋଇନାହିଁ। କଂଗ୍ରେସର ୧୪ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ମେୟର ପଦ ପାଇଁ ରବିବାର ସୁଦ୍ଧା ମାତ୍ର ୨ ମହିଳା ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରେ ଜଣେ ଆମ ଆଦମୀ ପାର୍ଟିର ସି. ପ୍ରିୟଙ୍କା ଅଛନ୍ତି। ସୋମବାର ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ମେୟର ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ସଦ୍ୟ ଭାଜପାରୁ ଇସ୍ତଫା ଦେଇଥିବା ଜଣେ ମହିଳା ମୋର୍ଚ୍ଚା ନେତ୍ରୀ କଂଗ୍ରେସର ମେୟର ପ୍ରାର୍ଥୀ ହେବାର କଂଗ୍ରେସ କର୍ମୀଙ୍କ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ବିଜେଡିର କର୍ପୋରେଟର ତାଲିକା ପ୍ରକାଶ ପରେ ଶତାଧିକ ଆଶାୟୀ ଅସନ୍ତୁଷ୍ଟ ହୋଇଯାଇଛନ୍ତି। ସେଥିରୁ ଅନେକ ବିଦ୍ରୋହି ସାଜି ବିଭିନ୍ନ ୱାର୍ଡରେ ଦଳୀୟ ପ୍ରାର୍ଥୀଙ୍କୁ କଣ୍ଟା ହୋଇପାରନ୍ତି। ଅଧିକାଂଶ ସ୍ୱାଧୀନ ପ୍ରାର୍ଥୀ ଭାବେ ସୋମବାର ନାମାଙ୍କନ ଦାଖଲ କରିବାର ପ୍ରସ୍ତୁତି ଚଳାଇଛନ୍ତି। ଏହା ଫଳରେ ପ୍ରଥମ କରି ବିଜେଡିରେ ସମସ୍ୟା ସୃଷ୍ଟି ହେବ ଓ ବିରୋଧୀଙ୍କୁ ସୁହାଇବାର ରାଜନୈତିକ ସମୀକ୍ଷକ ଚର୍ଚ୍ଚା କରୁଛନ୍ତି।

# ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା

**ଟିକେଟ ନ ମିଳିବାରୁ ତାତିଲେ ସମର୍ଥକ**

ଭବାନୀପାଟଣା,୬।୩(ସ୍ୱ.ପ୍ର.)

ପୌର ନିର୍ବାଚନ ସକାଶେ କଳାହାଣ୍ଡି ଜିଲା ଭବାନୀପାଟଣାରେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଗତ ବୁଧବାରଠାରୁ ପୌର ନିର୍ବାଚନ ସକାଶେ କାଉନସିଲର ଏବଂ ପୌର ଅଧ୍ୟକ୍ଷା, ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ସକାଶେ ଆବେଦନପତ୍ର ବିକ୍ରି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ମ୍ୟୁନିସିପାଲିଟି ପାଇଁ ରବିବାର ଭାଜପା ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ଭବାନୀପାଟଣା ମ୍ୟୁନିସିପାଲିଟି ଅଧ୍ୟକ୍ଷା ପାଇଁ ଦଳ ବିନିତା ଦାଶଙ୍କୁ ଚୟନ କରିଛି। ତେବେ ଅଧ୍ୟକ୍ଷା ପଦ ପାଇଁ ପୂର୍ବତନ ଜିଲା ସଭାନେତ୍ରୀ ପୁଷ୍ପାଞ୍ଜଳି ତାଣ୍ଡି ଆଶାୟୀ ରହିଥିଲେ। ହେଲେ ଦଳ ବିନିତାଙ୍କ ନାମ ଘୋଷଣା କରିଥିବାରୁ ଏହାକୁ ନେଇ ପୁଷ୍ପାଞ୍ଜଳିଙ୍କ ସମର୍ଥକମାନେ ତାତିଛନ୍ତି। ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ଚୌକି ଭଙ୍ଗାରୁଜା କରିବା ସହ ଏହାର ପ୍ରତିବାଦ କରିଥିଲେ। ଫଳରେ ଦଳୀୟ କାର୍ଯ୍ୟାଳୟ ରଣକ୍ଷେତ୍ର ପାଲଟିଥିଲା।



ଭାଜପା ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି।

## ପୌର ଭୋଟ ପୂର୍ବରୁ ଆରମ୍ଭ ହୋଇଗଲାଣି ଦଳବଦଳ

ଭୁବନେଶ୍ୱର, ୬।୩(ବ୍ୟୁରୋ): ପୌର ଭୋଟ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଥିବାବେଳେ ଦଳଡିଆଁ ପର୍ବ ଆରମ୍ଭ ହୋଇଛି। ଭାଜପା ଓ କଂଗ୍ରେସରୁ ପୂର୍ବତନ କର୍ପୋରେଟର ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ବିଜେଡିର ପୂର୍ବତନ କର୍ପୋରେଟର ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି କାର୍ଯ୍ୟାଳୟରେ ବିଜେଡିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ୫୪ ନମ୍ବର ୱାର୍ଡର ପୂର୍ବତନ ଭାଜପା କର୍ପୋରେଟର ଶିବପ୍ରସାଦ ବେହେରା, ୬୩ ନମ୍ବର ୱାର୍ଡର ପୂର୍ବତନ ଭାଜପା କର୍ପୋରେଟର ରଘୁନାଥ ମହାନ୍ତି ଏବଂ ଏଆଇସିସି ସଦସ୍ୟ ଅଞ୍ଚଳ ବଡୁ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ ରାଉତ ଏବଂ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥାଙ୍କ ନେତୃତ୍ୱରେ ଏମାନେ ବିଜେଡିରେ ସାମିଲ୍ ହୋଇଛନ୍ତି। ସେହିପରି ୪୩ ନମ୍ବର ୱାର୍ଡର ପୂର୍ବତନ ବିଜେଡି କର୍ପୋରେଟର ନିବେଦିତା ପ୍ରଧାନ ଭାଜପାରେ ମିଶିଛନ୍ତି। ଭୁବନେଶ୍ୱର(ମଧ୍ୟ) ଭାଜପା କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ଆନୁଷ୍ଠାନିକ ଭାବେ ଦଳରେ ସାମିଲ୍ କରାଇଛନ୍ତି। ଏହି ମିଶ୍ରଣପର୍ବରେ ପ୍ରଭାତ କୁମାର ପରିଡ଼ାଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶେଷ ଦିନରେ ନାମାଙ୍କନ ଭରିବେ ଅଧିକାଂଶ

ଭୁବନେଶ୍ୱର, ୬।୩(ବ୍ୟୁରୋ)

- ଅସନ୍ତୁଷ୍ଟଙ୍କୁ ବାନ୍ଧି ରଖିବା ଲାଗି ଏଯାଏ ଟିକେଟ ବାଣ୍ଟିନି ଶାସକ ଦଳ
- ଭାଜପା, କଂଗ୍ରେସର ବି ସମାନ ଅବସ୍ଥା

ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ନିର୍ବାଚନ ଲାଗି ସୋମବାର ନାମାଙ୍କନ ଦାଖଲର ଶେଷ ଦିନ। ହେଲେ ଏ ପର୍ଯ୍ୟନ୍ତ ବିଜେଡିର ଏକାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ଯଦିଓ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜର ମେୟର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି, ତଥାପି କର୍ପୋରେଟର ଟିକେଟ ବଣ୍ଟିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କେତେ ସ୍ଥାନରେ ବିଜେଡିର ଆଶାୟୀ ପ୍ରାର୍ଥୀମାନେ ଟିକେଟ ପାଇବା ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବହୁତ ଥିବା କାରଣରୁ ଶାସକ ଦଳ ଶେଷ ଦିନ ପର୍ଯ୍ୟନ୍ତ ଟିକେଟ ଦେଇନାହିଁ। ନାମାଙ୍କନ ଶେଷ ହେବାପରେ ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଟିକେଟ ଦିଆଯିବ। ଏହାଦ୍ୱାରା ଅସନ୍ତୁଷ୍ଟ ପ୍ରାର୍ଥୀମାନଙ୍କୁ ନିଜ ଦଳରେ ସାମିଲ କରି ପ୍ରାର୍ଥୀ କରିବାର ବିରୋଧୀଙ୍କ ସ୍ୱପ୍ନ ଆଉ ପୂରଣ ହୋଇପାରିବ ନାହିଁ। ତେବେ ବହୁ ପୂର୍ବତନ କର୍ପୋରେଟରଙ୍କ ଟିକେଟ ଜାଣିଶୁଣି କାଟି ଦିଆଯାଉଛି ବୋଲି ଅଭିଯୋଗ ଆସିଛି। ପୂର୍ବତନ କର୍ପୋରେଟର ଦେବାଶିଷ ସିଠ ତାଙ୍କ ହଜାର ହଜାର ସମର୍ଥକଙ୍କ ସହ ଟିକେଟ କଟିବା ଅଭିଯୋଗ ନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସରକାରୀ ବାସଭବନ ଘେରି ନାରାବାଜି କରିଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ଭାଜପା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ୍ ମଧ୍ୟ ଶେଷ ଦିନରେ ନାମାଙ୍କନ ଦାଖଲ କରିବେ। ଭୁବନେଶ୍ୱରର ୩ ବିଧାନସଭା କ୍ଷେତ୍ର ମଧ୍ୟରେ ଆସୁଥିବା କେତେଗୁଡିଏ ଆସନ ଲାଗି ପ୍ରାର୍ଥୀମାନେ ଶୋଭାଯାତ୍ରା କରି ନାମାଙ୍କନ ଦାଖଲ କରିଛନ୍ତି। ବାକି ୱାର୍ଡଗୁଡିକ ଲାଗି ଆଶାୟୀ ଥିବା ପ୍ରାର୍ଥୀମାନେ ଶେଷଦିନକୁ ଅପେକ୍ଷା କରିଛନ୍ତି। ରବିବାର ସୁଦ୍ଧା ବହୁ ପ୍ରାର୍ଥୀଙ୍କୁ ଭାଜପା ତା'ର ଟିକେଟ ବାଣ୍ଟି ସାରିଥିବା ବେଳେ ବାକି ସ୍ଥାନଗୁଡିକ ପାଇଁ ସୋମବାର ଦେବାକୁ ସ୍ଥିର କରିଛି। ତେବେ ଭାଜପାରେ ମଧ୍ୟ ଆଶାୟୀଙ୍କ ସଂଖ୍ୟା କିଛି କମ୍ ନାହିଁ। ସେହିପରି କଂଗ୍ରେସ ମଧ୍ୟ ୩୦ଟି ଆସନ ଲାଗି ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବା ବେଳେ ବାକି ଆସନଗୁଡିକ ଲାଗି ଏ ପର୍ଯ୍ୟନ୍ତ ତାଲିକା ପ୍ରକାଶ କରିନାହିଁ। ଦଳ ଭିତରେ ବହୁ ୱାର୍ଡ ଲାଗି ସହମତି ପ୍ରକାଶ ପାଇପାରୁ ନାହିଁ। ମୁଖ୍ୟତଃ ପ୍ରତି ୱାର୍ଡରେ ମାତ୍ରାଧିକ ଅସନ୍ତୋଷ ଦଳ ଲାଗି ସମସ୍ୟା ପାଲଟିଥିବା ବେଳେ ଆଉ କିଛିଟା ୱାର୍ଡରେ କେହି ପ୍ରାର୍ଥୀ ମିଳୁ ନ ଥିବା ଜଣେ ବରିଷ୍ଠ ନେତା କହିଛନ୍ତି। ତେବେ ଶେଷ ଦିନରେ ମାଳମାଳ ପ୍ରାର୍ଥୀ ନାମାଙ୍କନ କରିବେ।



# ସରୋଜିନୀ ଆପ୍‌ର ଭୁବନେଶ୍ୱର ମେୟର ପ୍ରାର୍ଥୀ

ଭୁବନେଶ୍ୱର,୬।୩(ବ୍ୟୁରୋ)

ଆମ୍ ଆଦମୀ ପାର୍ଟି(ଆପ୍) ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ମେୟର ପ୍ରାର୍ଥୀ ହେଲେ ସରୋଜିନୀ ଖୁଣ୍ଟିଆ। ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଆପ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର ସରୋଜିନୀଙ୍କ ନାମକୁ ଘୋଷଣା କରିଛନ୍ତି। ନିଶିକାନ୍ତ କହିଛନ୍ତି, ସରୋଜିନୀ ଜଣେ ଗୃହିଣୀ ହୋଇଥିଲେ ମଧ୍ୟ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍‌ଶନ ଅଭିଯାନରେ ସାମିଲ ଥିଲେ। ଏଥିସହ ଫାଇଲିନ ବାତ୍ୟା ସମୟରେ ବିଶ୍ୱବ୍ୟାଙ୍କଠାରୁ ଆସିଥିବା ଟଙ୍କାର ଅନିୟମିତତା ଅଭିଯୋଗରେ ସାତପଡାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହୋଇଥିବା ପଦଯାତ୍ରା ତଥା ମଦମୁକ୍ତି ଅଭିଯାନ ଭଳି ବହୁ ସାମାଜିକ ତଥା ସମାଜ ସୁଧାର କାର୍ଯ୍ୟରେ ସରୋଜିନୀ ନିଜକୁ ସାମିଲ କରିଥିବା ନିଶିକାନ୍ତ କହିଛନ୍ତି।

ଆପ୍ ପକ୍ଷରୁ ବିଏମ୍ସି ନିର୍ବାଚନ ପାଇଁ ଏକ ଇସ୍ତାହାର ପତ୍ର ଜାରି କରାଯାଇଛି। ମହାନଗର ନିଗମ ଅଧୀନ ସ୍କୁଲ ଓ ଡାକ୍ତରଖାନା ସଂଖ୍ୟା ବୃଦ୍ଧି ସହ ଦିଲ୍ଲୀ ଢାଞ୍ଚାରେ ଅତ୍ୟାଧୁନୀକରଣ ଓ ପ୍ରଭାବୀ କରିବା, ବର୍ଦ୍ଧିତ ହୋଲ୍ଡିଂ ଟିକସ ଓ ଆବର୍ଜନା ଉଠାଣ ଦେୟ ପ୍ରତ୍ୟାହାର, ବର୍ଷାଜଳଜନିତ ବନ୍ୟାର ନିରାକରଣ, ଉଠା ଦୋକାନୀଙ୍କ ସମସ୍ୟା ସମାଧାନ ଆଦି ବହୁ ପ୍ରତିଶ୍ରୁତି ରହିଛି। ଏଥିପାଇଁ ପ୍ରତିବଦ୍ଧତା ଥିବା ମେୟର ପ୍ରାର୍ଥୀ ସରୋଜିନୀ ପ୍ରକାଶ କରିଛନ୍ତି।

**ଇସ୍ତାହାର ପତ୍ର ଜାରି: ଦିଲ୍ଲୀ ଢାଞ୍ଚାରେ ବିକାଶ**



ଆପ୍ ମେୟର ପ୍ରାର୍ଥୀ ସରୋଜିନୀ ଖୁଣ୍ଟିଆ।




## ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେବି: ସବିତା

**ଭାଜପାର ବ୍ରହ୍ମପୁର ମେୟର ପ୍ରାର୍ଥୀ**

ବ୍ରହ୍ମପୁର ଅଫିସ,୬।୩

ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି) ପାଇଁ ଭାଜପାର ମେୟର ପ୍ରାର୍ଥୀ ହେଲେ ଡ.ସବିତା ସୁଆର। ରାଜ୍ୟ କାର୍ଯ୍ୟାଳୟରୁ ତାଙ୍କ ନାମ ରବିବାର ଘୋଷଣା କରାଯାଇଛି। କାହାକୁ ପ୍ରାର୍ଥୀ ଚୟନ କରାଯିବ, ସେନେଇ ଭାଜପାରେ ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ଶେଷ ମୁହୂର୍ତ୍ତରେ ତା'ର ଅନ୍ତ ଘଟିଛି। ସୋମବାର ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ବିଜେଡି ପରେ ଭାଜପାର ନାମ ଘୋଷଣା ହୋଇଥିବା ବେଳେ ରବିବାର ସୁଦ୍ଧା କଂଗ୍ରେସରୁ କାହାକୁ ପ୍ରାର୍ଥୀ କରାଯିବ ତାହା ଅସ୍ପଷ୍ଟ ରହିଛି। ୩ ଜଣଙ୍କ ନାମ ପ୍ରଦେଶ କଂଗ୍ରେସକୁ ପଠାଯାଇଛି ଏବଂ ରାତିସୁଦ୍ଧା ଜଣଙ୍କ ନାମ ଅନୁମୋଦିତ ହେବାର ଜିଲା କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଭାଜପାର ପ୍ରାର୍ଥୀ ଘୋଷଣା ପରେ ଯୋଗାଯୋଗ ବେଳେ ଧରିତ୍ରୀକୁ ସୁଆର କହିଛନ୍ତି, ଦୀର୍ଘ ଦୁଇ ଦଶନ୍ଧି ହେବ ସେ ଭାଜପାରେ ସକ୍ରିୟ ଅଛନ୍ତି ଏବଂ କେନ୍ଦ୍ରରେ ଦଳ ସରକାର ଗଠନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ସେବା ଓ ଶିକ୍ଷାର ବିସ୍ତାର ନିମନ୍ତେ କାର୍ଯ୍ୟ କରୁଛନ୍ତି। ସୁଆର ବ୍ରହ୍ମପୁରରେ ଥିବା ଏକ ଘରୋଇ କଲେଜର ଅଧ୍ୟକ୍ଷା ଅଛନ୍ତି। ମେୟର ଭାବେ ମହାନଗରବାସୀ ତାଙ୍କୁ ନିର୍ବାଚିତ କଲେ ଲୋକଙ୍କ ମୌଳିକ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବେ ଏବଂ ବିପର୍ଯ୍ୟସ୍ତ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଓ ସ୍ୱାସ୍ଥ୍ୟ ସେବାରେ ଉନ୍ନତି କରିବାର ଦର୍ଶାଇଛନ୍ତି। ତାଙ୍କ ସ୍ୱାମୀ ମଧ୍ୟ ଭାଜପାର ଜଣେ ଜଣାଶୁଣା ନେତା।

ଭାଜପାର ବରିଷ୍ଠ ନେତା ଏବଂ ଗତ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି କହିଛନ୍ତି, ସୁଆରଙ୍କୁ ରାଜ୍ୟ ସଂଗଠନ ପକ୍ଷରୁ ପ୍ରାର୍ଥୀ ମନୋନୀତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଜଣେ ଉଚ୍ଚଶିକ୍ଷିତା ମହିଳାଙ୍କୁ ମେୟର ପ୍ରାର୍ଥୀ ମନୋନୀତ କରାଯାଇଛି। ମହାନଗରବାସୀ ତାଙ୍କୁ ଆଶୀର୍ବାଦ କରି ଜିତାଇଲେ ରେଶମ ନଗରୀର ବିକାଶ ତ୍ୱରାନ୍ୱିତ ହେବ ଓ ପୌର ଶାସନରେ ସ୍ୱଚ୍ଛତା ଆସିପାରିବାର ପତି ଆଶା ପ୍ରକଟ କରିଛନ୍ତି। ପତି ଦଳର ବ୍ରହ୍ମପୁର ପୌର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି।



ଭାଜପାର ବ୍ରହ୍ମପୁର ମେୟର ପ୍ରାର୍ଥୀ ସବିତା ସୁଆର।



## ସଂକ୍ଷେପରେ

### ସିପିଆଇ(ଏମ୍) ପକ୍ଷରୁ ୬ କର୍ପୋରେଟର ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଭୁବନେଶ୍ୱର,୬।୩(ବ୍ୟୁରୋ): ପୌର ନିର୍ବାଚନ ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ନିର୍ବାଚନ ପାଇଁ ସିପିଆଇ(ଏମ୍) ପକ୍ଷରୁ ରବିବାର ୬ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେମାନେ ହେଲେ ୱାର୍ଡ ନଂ. ୫ ପାଇଁ ବିମଳୀ ନାୟକ, ୱାର୍ଡ ନଂ. ୨୧ ପାଇଁ ଗଙ୍ଗାଧର ନାୟକ, ୱାର୍ଡ ନଂ. ୨୦ ପାଇଁ ନିରୂପମା ନାୟକ, ୱାର୍ଡ ନଂ. ୩୫ ପାଇଁ ଦେବଦାସୀ ଦାସ, ୱାର୍ଡ ନଂ. ୬୫ ପାଇଁ ବସନ୍ତ ସାହୁ ଓ ୬୬ ନଂ. ୱାର୍ଡ ପାଇଁ ପାର୍ବତୀ ସାହୁ। ଏନେଇ ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଗୋଟିଏ ୱାର୍ଡରୁ ଦୁଇଜଣ ଦଳୀୟ ପ୍ରାର୍ଥୀ

ଭୁବନେଶ୍ୱର, ୬।୩ (ବ୍ୟୁରୋ)- ରାତି ପାହିଲେ ସରିବ ନାମାଙ୍କନ ପ୍ରକ୍ରିୟା। ମାତ୍ର ଏ ପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ହେବା ନେଇ ଛିଡି ପାରୁନି ଅଙ୍କକଷା। କେଉଁ ଦଳରେ ପ୍ରାର୍ଥୀ ଅଭାବରୁ ମହାନଗରର ୬୭ଟି ୱାର୍ଡ ପାଇଁ ପ୍ରାର୍ଥୀ ଯୋଗାଡ଼ ହୋଇ ପାରୁନାହିଁ ତ ଆଉ କେଉଁଠାରେ ଏକାଧିକ ଆଶାୟୀ ଥିବାରୁ ତାହା ଦଳର ଛାମୁଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହେଉଛି। ବିଶେଷକରି ଶାସକ ଦଳ ବିଜେଡ଼ି ପାଇଁ ଏହା ଘଡ଼ିସନ୍ଧିର ମୁହୂର୍ତ୍ତ ପାଲଟିଛି। କାହାକୁ ଦଳରୁ ଟିକେଟ ଦେବେ କାହାକୁ ଅଣଦେଖା କରିବେ ଏ ପର୍ଯ୍ୟନ୍ତ ତାହା ସ୍ଥିର ହୋଇ ପାରୁନାହିଁ। ଅପରପକ୍ଷେ କେତେଜଣଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ଟିକେଟ୍ ମିଳିବା ନେଇ ସ୍ପଷ୍ଟ କରାଯାଉଛି। ଯାହାଫଳରେ ଅନ୍ୟ ଆଶାୟୀମାନେ ଏ ସମ୍ପର୍କରେ ସୂଚନା ନ ପାଇଁ ଦଳର ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧି ବସିଛନ୍ତି। ଏପରିକି ଗୋଟିଏ ୱାର୍ଡରୁ ଏକାଧିକ ଆଶାୟୀ ବିଜେଡ଼ିରୁ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି। ରବିବାର ଏପରି ଘଟଣା ଦେଖିବାକୁ ମିଳିଛି। ମହାନଗରର ୫୭ ନମ୍ବର ୱାର୍ଡରୁ ସନ୍ତୋଷ କୁମାର ସିଂହ ଏବଂ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ବିଜେଡ଼ିର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ନବୀନ ନିବାସରୁ ଫୋନ୍ ଯୋଗେ ଟିକେଟ ମିଳିଥିବା ସୂଚନା ପାଇବା ପରେ ଦଳୀୟ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସନ୍ତୋଷ କହିଛନ୍ତି। ଅପରପକ୍ଷେ ଦଳ ବିଧିବଦ୍ଧ ଭାବେ ଟିକେଟ୍ ଘୋଷଣା କରି ନାହିଁ ଏବଂ ଦଳରୁ ଟିକେଟ ପାଇବାର ଯଥେଷ୍ଟ ସମ୍ଭାବନା ରହିଥିବା ଡ. ପ୍ରଧାନ କହିଛନ୍ତି। ତେବେ ସୋମବାର ସୁଦ୍ଧା ଦଳ ପକ୍ଷରୁ ଏ ନେଇ ସ୍ପଷ୍ଟ ନ ହେଲେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି।

### ବିଧାୟକଙ୍କୁ ଘେରିଲେ ଅସନ୍ତୁଷ୍ଟ ଆଶାୟୀ

ଭୁବନେଶ୍ୱର, ୬।୩ (ବ୍ୟୁରୋ)- ଦଳୀୟ ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ନିଜର ଅସନ୍ତୋଷ ଜାହିର କରିଛନ୍ତି ଆଶାୟୀ। କର୍ପୋରେଟର ପଦବୀ ପାଇଁ ପ୍ରାର୍ଥୀ ଚୟନର ମଙ୍ଗ ଧରିଥିବା ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ହଟହଟା ହେବାକୁ ପଡିଛି। ଟିକେଟ୍ ନ ମିଳିବା ସ୍ପଷ୍ଟ ହେବା ପରେ ଆଶାୟୀ ପ୍ରାର୍ଥୀ ଦେବାଶିଷ ସିଂଙ୍କ ସମେତ ଶହ ଶହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ବିଧାୟକ। ରବିବାର ଅପରାହ୍ନ ସମୟରେ ନିଜ କ୍ୱାଟରରୁ ବାହାରିବା ପରେ ବିଧାୟକଙ୍କୁ ଆଶାୟୀଙ୍କ ସମର୍ଥକ ଘେରିଯାଇ କେଉଁ କାରଣ ପାଇଁ ଦେବାଶିଷଙ୍କୁ ଟିକେଟ ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅଭିଯୋଗ ଅନୁଯାୟୀ, ୱାର୍ଡ ନଂ .୩୬ର ବାସିନ୍ଦା ହେଉଛନ୍ତି ଦେବାଶିଷ। ଚଳିତଥର ସମ୍ପୃକ୍ତ ୱାର୍ଡ ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ସେ ଏଠାରୁ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଥିଲେ। ପରେ ସେହି ୱାର୍ଡକୁ କୌଣସି ଅନୁସୂଚିତ ମହିଳାଙ୍କୁ ଦେବାକୁ ସ୍ଥିର ହେବାରୁ ବିଧାୟକ ୯ ନଂ. ୱାର୍ଡରୁ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ୯ନଂ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଏଠାରୁ ଦେବାଶିଷଙ୍କ ସ୍ତ୍ରୀ ସୁମିତା ସିଂଙ୍କୁ ଟିକେଟ୍ ମିଳିବା ନେଇ ବିଧାୟକ ନିଶ୍ଚିତ କରିଥିଲେ। ମାତ୍ର ପରେ ତାହା ଅନ୍ୟ କାହାକୁ ଦିଆଯାଉଥିବା ସେ ସୂଚନା ପାଇଥିଲେ। ତେଣୁ ବିଧାୟକ ଟିକେଟ୍ ଦେବା ନେଇ ବାରମ୍ବାର ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସୋମବାର ତାଙ୍କ ସ୍ତ୍ରୀ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିବେ ଏବଂ ପରେ ପ୍ରାୟ ୧ହଜାର ସମର୍ଥକଙ୍କ ସହିତ ୱାର୍ଡ ପରିକ୍ରମା କରାଯିବ ବୋଲି ଦେବାଶିଷ ସୂଚନା ଦେଇଛନ୍ତି। ତେବେ ଘଟଣା ସଂକ୍ରାନ୍ତରେ ବିଧାୟକ ଜେନାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନିକଟରେ କଂଗ୍ରେସ, ଏଏପି, ବସ୍ତି ସୁରକ୍ଷା ମଞ୍ଚ ଓ ଓଡ଼ିଶା ଜନତା ପାର୍ଟିର ମେୟର ପ୍ରାର୍ଥିନୀମାନେ ରବିବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ନାମାଙ୍କନ ଦାଖଲ କଲେ ୯୪ କର୍ପୋରେଟର ପ୍ରାର୍ଥୀ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସମ୍ମୁଖ ରାସ୍ତାରେ ଉତ୍ସବ ଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ସୋମବାର ନାମାଙ୍କନପତ୍ର ଦାଖଲ ଶେଷ ଦିନ ହୋଇଥିବାରୁ ରବିବାର ବିଭିନ୍ନ ଦଳ ପକ୍ଷରୁ ଆଶାୟୀ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ବାଜା, ବାଣ ରୋଷଣୀ ଭିତରେ ଆସିଥିଲେ। ନିର୍ବାଚନୀ ଗୀତରେ ପୂରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। କର୍ପୋରେଟର ପଦବୀ ପାଇଁ ମୋଟ ୯୪ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଥିବାବେଳେ ବିଜେଡ଼ିରୁ ୨୦ଜଣ, ଭାଜପାରୁ ୧୮ଜଣ, କଂଗ୍ରେସରୁ ୨୦ଜଣ, ଆପ୍‌ରୁ ୫ଜଣ, ସିପିଏମ୍‌ରୁ ୬ଜଣ, ବସ୍ତି ସୁରକ୍ଷା ମଞ୍ଚରୁ ୪ଜଣ, ଓଡ଼ିଶା ଜନତା ପାର୍ଟିରୁ ଜଣେ ଏବଂ ସ୍ୱାଧୀନ ଭାବେ ୨୦ଜଣ ରହିଛନ୍ତି।

ବିଜେଡିର ପୂର୍ବତନ କର୍ପୋରେଟର ଅମରେଶ ଜେନା, ମହାମାୟା ସ୍ୱାଇଁ, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ମିହିର ରାଉତ, ବିରଞ୍ଚି ମହାସୁପକାର ପ୍ରମୁଖ ବିରାଟ ପଟୁଆରରେ ଯାଇ କର୍ପୋରେଟର ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। ସେହିପରି ଭାଜପା ପକ୍ଷରୁ ଜିଲା ସଭାପତି ବାବୁ ସିଂ ଏବଂ ଦଳର ନେତା ଜଗନ୍ନାଥ ପ୍ରଧାନଙ୍କ ଉପସ୍ଥିତିରେ ପ୍ରଭାତୀ ବେହେରା, ବୈଜୟନ୍ତୀ ଜେନା, ସୁଜାତା ଛୋଟରାୟ, କୃଷ୍ଣଚନ୍ଦ୍ର ବଟୁ ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଛନ୍ତି। ୱାର୍ଡ ନଂ. ୨୧ ପାଇଁ ଗୟାଧର ନାୟକ, ୧୩ ପାଇଁ ସ୍ନେହାଶ୍ରୀ ବେହେରା, ୪୪ ପାଇଁ ସଂଗ୍ରାମ କୁମାର ମାର୍ଥା, ୪୫ ପାଇଁ ଅମରେଶ ଜେନା, ୪୬ ପାଇଁ ପୁଷ୍ପା ରାଉତ ଏବଂ ମଧୁସ୍ମିତା ମିଶ୍ର, ୪୭ ପାଇଁ ସ୍ମିତା ମହାନ୍ତି, ୪୮ ପାଇଁ ସୁଚିତା ପାତ୍ର, ୨୦ ପାଇଁ ନିରୁପମା ନାୟକ ଏବଂ ସନ୍ତୋଷ କୁମାର ଦାସ, ୨୪ ପାଇଁ ପ୍ରତାପ କିଶୋର ସାହୁ, ୨୫ ପାଇଁ ପବିତ୍ର କୁମାର ଦାସ, ୨୭ ପାଇଁ ଅକ୍ଷୟ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏବଂ ଅନୀଲ କୁମାର ଦାସ, ୨୮ ପାଇଁ ପ୍ରଭାତି ସାହୁ ଏବଂ ଅଞ୍ଜଳି ସାହୁ, ୩୫ ପାଇଁ ଦେବାଶିଷ ଦାଶ, ୩୨ ପାଇଁ ପ୍ରଭାତ କୁମାର ମାର୍ଥା, ୨୯ ପାଇଁ ଅପରୁପ ନାରାୟଣ ରାଉତ, ୩୦ରୁ ନିରଞ୍ଜନ ଭୁୟାଁ, ୨୬ରୁ ପଦ୍ମିନୀ ମାର୍ଣ୍ଡି, ୧୧ରୁ ନିରୁପମା ପାତ୍ର, ୯ରୁ ସୁଷମା ସାହୁ, ସୂର୍ଯ୍ୟକାନ୍ତି ଜେନା ଓ ସବିତା ସିଂହ, ୩୪ରୁ ଚଞ୍ଚଳା ସେଠୀ ଓ ପୁଷ୍ପାଞ୍ଜଳି ସେଠୀ, ୧୦ରୁ ଶ୍ରୀଧର ବଳିୟାରସିଂହ, ୧୨ରୁ ପ୍ରଭାତି ବେହେରା, ୧୪ରୁ ଆରତି ନାୟକ, ୧୫ରୁ ମିନତୀ ନନ୍ଦ ଓ ଲିପ୍ସା ମହାନ୍ତି, ୧୬ରୁ ପୂଜା ଦାସ, ୧୯ରୁ ବୈଜୟନ୍ତୀ ଜେନା, ୩୯ରୁ ଲିଜା ମହାନ୍ତି ଓ ପ୍ରତିଭା ସାମନ୍ତରାୟ, ୪୦ରୁ ମାନି ପଣ୍ଡା, ୪୧ରୁ ସୁରମା ବେହେରା, ପ୍ରତିମା ମହାନ୍ତି ଓ କବିତା ସ୍ୱାଇଁ, ୪୨ରୁ ଆଶିଷ କୁମାର ପଟ୍ଟନାୟକ, ୪୩ ପାଇଁ ଭରତ କୁମାର ଲେଙ୍କା, ୫୦ ପାଇଁ ସୁଶୀଲ କୁମାର ସାହୁ, ବିଭୁ ପ୍ରସାଦ ଜେନା ଓ ରାମଚନ୍ଦ୍ର ରଣା, ୫୧ରୁ କିରଣ ଦାସ, ଦିଲୀପ କୁମାର ତ୍ରିପାଠୀ, ବିନୟନୀ ଜେନା ଓ ସୁନୀଲ କୁମାର ସାହୁ, ୫୩ରୁ ମହାମାୟା ସ୍ୱାଇଁ, ୫୫ରୁ ସୁବ୍ରତ ସେନାପତି, ସିଦ୍ଧାର୍ଥ ଦାସ, ୫୬ରୁ କେ. ଶାନ୍ତି, ସଞ୍ଜୟ ପରିଡା, ହାରାବତୀ ପ୍ରଧାନ ଓ ପୀୟୁଷ ରଞ୍ଜନ ମହାନ୍ତି, ୫୭ରୁ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସିଂ ଓ ଅମରଜ୍ୟୋତି ଜଗଦେବ, ୫୮ରୁ ନମିତା ମହାପାତ୍ର ଓ ପୁଷ୍ପା ଦାସ, ୧ରୁ ମିହିର କୁମାର ରାଉତ, ଏମ୍. ଧବଳେଶ୍ୱର ମୂର୍ତ୍ତି, ଦୀପକ କୁମାର ଉପାଧ୍ୟାୟ ଓ କାଜଲ ମଣ୍ଡଳ, ୩ ପାଇଁ ସୁକାନ୍ତି ଜେନା, ଲକ୍ଷ୍ମୀପ୍ରିୟା ପରିଡା, ପ୍ରତିମା ନାୟକ, ୫ ପାଇଁ ବିଜୟଲକ୍ଷ୍ମୀ ରାଉତ ଓ ବିମଳି ନାୟକ, ୬ ପାଇଁ ଦାମୋଦର ବେହେରା ଓ ସୁଜିତ୍ କୁମାର ସାହୁ, ୫୯ ପାଇଁ କୃଷ୍ଣଚନ୍ଦ୍ର ବଟୁ, କୃଷ୍ଣଚନ୍ଦ୍ର ଦାସ ଓ ବିରଞ୍ଚିନାରାୟଣ ମହାସୁପକାର, ୬୦ ପାଇଁ ରାଜେନ୍ଦ୍ର ସମର୍ଥା ଓ ଜୟପ୍ରସାଦ ମଲ୍ଲିଆ, ୬୧ ପାଇଁ ଅଜିତ୍ କୁମାର ମହାନ୍ତି ଓ ନାରାୟଣ ଜେନା, ୬୨ ପାଇଁ ରଶ୍ମିତା ସେଠୀ, ୬୩ ପାଇଁ ସୁଜାତା ଛୋଟରାୟ ଓ ନିତିଶା ମହାନ୍ତି, ୬୪ ପାଇଁ ସକିବ୍ ମୁସାରତ୍ ଓ ସରୱାରୀ ବିବି, ୬୫ ପାଇଁ ବସନ୍ତ କୁମାର ସାହୁ, ସୁଶାନ୍ତ କୁମାର ମଲିକ, ରାଜେଶ କୁମାର ପାତ୍ର, ସସ୍ମିତା ପାତ୍ର ଓ ଅରବିନ୍ଦ ଦାସ, ୬୬ ପାଇଁ ପାର୍ବତୀ ସାହୁ ଓ ଛବି ଦାସ, ୬୭ ପାଇଁ ମଧୁସ୍ମିତା ପ୍ରଧାନ ଓ ଶିବାନୀ ଶିବଦର୍ଶନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ତେବେ ଶନିବାର ସୁଦ୍ଧା ୪୦ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ରବିବାରକୁ ମିଶାଇ ମୋଟ ୫ଦିନ ମଧ୍ୟରେ ୧୩୪ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେହିପରି ଆଉ ୭୯ କର୍ପୋରେଟର ଫର୍ମ ପ୍ରାର୍ଥୀମାନେ ନେଇଛନ୍ତି। ୫ଦିନରେ ମୋଟ ୭୯୨ଟି ଫର୍ମ ବିକ୍ରି ହୋଇଥିବାରୁ ଆହୁରି ୬୫୮ଟି ଫର୍ମ ବା ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନାହାନ୍ତି। ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ହୋଇଥିବାରୁ ବହୁ ସଂଖ୍ୟାରେ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିବାର ସମ୍ଭାବନା ରହିଛି। ରବିବାର ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରି ମନୋନୟନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏଥିସହିତ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଟ୍ରାଫିକ ବ୍ୟବସ୍ଥା ଓ ଜନ ଗହଳିକୁ ନିୟନ୍ତ୍ରଣ କରାଯାଇ ଶୃଙ୍ଖଳିତ ନାମାଙ୍କନପତ୍ର ଦାଖଲ ହୋଇଥିଲା।

### ବାଜା, ବାଣ ରୋଶଣିରେ କମ୍ପିଲା ପରିବେଶ



## ମେୟର ପଦ ପାଇଁ ଆଉ ୪ ପ୍ରାର୍ଥିପତ୍ର

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଚଳିତ ନିର୍ବାଚନରେ ଭୁବନେଶ୍ୱରବାସୀ ପ୍ରଥମ ମହିଳା ମେୟର ପାଇବାକୁ ଯାଉଛନ୍ତି। ପ୍ରମୁଖ ୩ଦଳ ପକ୍ଷରୁ ମେୟର ପ୍ରାର୍ଥୀ ଘୋଷଣା ହୋଇ ସାରିଥିଲେ ବି ସମସ୍ତେ ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। ରବିବାର କଂଗ୍ରେସ ସମେତ ୪ଜଣ ମେୟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ, ଓଡ଼ିଶା ଜନତା ପାର୍ଟି ପକ୍ଷରୁ ନିରୋଜା ନଳିନୀ ସାମଲ, ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ହେନା ବାରିକ ଏବଂ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସରୋଜିନୀ ଖୁଣ୍ଟିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଦଳୀୟ ପ୍ରତିନିଧି ଓ ସମର୍ଥକଙ୍କ ସହିତ ଏଡିଏମ୍ ଅଫିସ୍‌କୁ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶନିବାର କୃପା ପାର୍ଟିରୁ ମେୟର ପଦବୀ ପାଇଁ ଭଗବତୀ ଦେବୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାକୁ ମିଶାଇ ଅଦ୍ୟାବଧି ୫ଜଣ ମେୟର ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରଦାନ କରିଛନ୍ତି। ଅପରପକ୍ଷେ ରବିବାର ମେୟର ପଦବୀ ପାଇଁ ଆଉ ୭ଟି ଫର୍ମ ବିକ୍ରି ହୋଇଛି। ଏହାକୁ ମିଶାଇ ମୋଟ୍ ୩୦ଟି ମେୟର ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ତେଣୁ ସୋମବାର ଆହୁରି ୨୫ ଜଣ ମେୟର ପଦବୀ ପାଇଁ ନାମାଙ୍କନ ଦାଖଲ କରିବେ ବୋଲି ଅନୁମାନ କରାଯାଉଛି।

## ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ କାର୍ଯ୍ୟ କରିବି : ମଧୁସ୍ମିତା

ଭୁବନେଶ୍ୱର,୬।୩(ବ୍ୟୁରୋ)

ପୌର ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ରବିବାର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏନେଇ ମଧୁସ୍ମିତା କହିଛନ୍ତି, ମୁଁ ଭୁବନେଶ୍ୱର ଝିଅ। ଯଦି ମହାନଗର ବାସୀଙ୍କ ଆଶିର୍ବାଦ ପାଏ, ତେବେ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବା ଦିଗକୁ ନେଇ କାର୍ଯ୍ୟ କରିବି। ବର୍ତ୍ତମାନ ଲୋକଙ୍କ ପଇସା ବାଟମାରଣା ହେଉଛି। ତାହା କିପରି ଠିକ୍ ଦିଗରେ ବିନିଯୋଗ ହେବ ଦିଗକୁ ଲକ୍ଷ୍ୟ ଭାବେ ଗ୍ରହଣ କରିବି। ପିଚୁ ରାସ୍ତାର ସ୍ଥାୟିତ୍ୱ କମ୍ ଦିନ। ଏଣୁ ରାଜଧାନୀରେ ମୁଖ୍ୟ ରାସ୍ତା ବ୍ୟତିତ ସମସ୍ତ ଛୋଟ ରାସ୍ତ ସିମେଣ୍ଟ ବା ସିସି ରୋଡ୍ କରିବା, ପାନିୟ, ଟ୍ରାଫିକ ତଥା ପାର୍କିଂ ସମସ୍ୟା ଓ ମହିଳାଙ୍କ ପରିମଳ ସୁବିଧା ପାଇଁ ମହାନଗରର ବିଭିନ୍ନ ସ୍ଥାନରେ ପାଇଖାନା କରିବାକୁ ସେ ଭୁବନେଶ୍ୱରବାସୀଙ୍କ ନିକଟରେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ,ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପିସିସି ଉପ ସଭାପତି ଶିବାନନ୍ଦ ରାୟ, ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ଏକାମ୍ର ବିଧାୟିକା ପାର୍ଥିନୀ ରଶ୍ମି ମହାପାତ୍ର, ପିସିସି ସାଧାରଣ ସମ୍ପାଦକ କିଶୋର ଜେନା, ଚିନ୍ମୟ ସୁନ୍ଦର ଦାଶ, ସମ୍ପାଦକ ସୁବ୍ରତ ମହାପାତ୍ର, ଭୁବନେଶ୍ୱର ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି ସମେତ ମହିଳା, ଯୁବ, ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ବିଭିନ୍ନ ଦଳର କର୍ପୋରେଟର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

## ନାମାଙ୍କନ ଭରିଲେ କର୍ପୋରେଟର ପ୍ରାର୍ଥୀ କବିତା



ବିଏମ୍‌ସି ୱାର୍ଡ ନଂ.୪୧ରୁ ବିଜେଡ଼ି କର୍ପୋରେଟର ପ୍ରାର୍ଥିନୀ କବିତା ସ୍ୱାଇଁ ସ୍ଥାନୀୟ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସମର୍ଥକଙ୍କ ଗହଣରେ କବିତା ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଢୋଲ ମହୁରୀ ବାଦ୍ୟରେ ବହୁ ସଂଖ୍ୟକ ମହିଳା ଓ ଯୁବ ସମର୍ଥକ ତାଙ୍କୁ ଏଡିଏମଙ୍କ ଅଫିସ ପ୍ରକୋଷ୍ଠକୁ ପାଛୋଟି ନେଇଥିଲେ। ପ୍ରାର୍ଥିପତ୍ର ଦାଖଲ ବେଳେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶର ମଧ୍ୟ ନିର୍ବାଚନମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ।

## ଭୋଟ୍ ବର୍ଜନ କରିବେ ୱାର୍ଡ ନଂ.୨୬ ବାସିନ୍ଦା

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବର୍ଷା ହେଲେ ଘରେ ପଶୁଛି ନାଳ ପାଣି। ବାରମ୍ବାର ଏ ନେଇ ବିଏମ୍‌ସିରେ ଅଭିଯୋଗ କରାଯାଉଥିଲେ ବି ସମସ୍ୟାର ସମାଧାନ ହେବାର ନାଁ ଧରୁନି। ସମାଧାନ ବଦଳରେ କେବଳ ପ୍ରତିଶ୍ରୁତି ମିଳୁଥିବାରୁ ଶେଷରେ ନିରାଶ ହୋଇ ଚରମ ନିଷ୍ପତ୍ତି ନେଇଛନ୍ତି ବିଏମ୍‌ସ ୨୬ ନଂ. ୱାର୍ଡ ବାସିନ୍ଦା। ଏଥର ଭୋଟ୍ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦିଆଯାଇଛି। ଏ ନେଇ ୱାର୍ଡବାସୀଙ୍କ ପକ୍ଷରୁ ଦସ୍ତଖତ ସଂଗ୍ରହ କରାଯାଇଛି। ଏହାକୁ ସୋମବାର ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଜୟଦେବ ବିହାର ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହୁଛି। ଲେନ୍ ନଂ ୧୦ ଓ ୧୧ ମଧ୍ୟରେ ଥିବା ଅଞ୍ଚଳରେ ଡ୍ରେନ ପାଣି ପଶୁଛି। ଏକାମ୍ରକାନନ ପଟରୁ ପାଣି ଆସୁଥିବା ନାଳଟି ଛୋଟ ହୋଇଥିବାରୁ ରାସ୍ତା ଉପରେ ପାଣି ଲହଡି ମାରୁଛି। ବିଏମ୍‌ସି ଅଧିକାରୀ ଏହାର ସମାଧାନ କରିବା ପାଇଁ ଚେଷ୍ଟା କରୁ ନାହାନ୍ତି। ତେଣୁ ଚଳିତ ନିର୍ବାଚନରେ ୱାର୍ଡବାସୀ ଭୋଟ୍ ବର୍ଜନ କରିବେ ବୋଲି କହିଛନ୍ତି।




ୱାର୍ଡ ନଂ.୨୬ ବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଗୁରୁମାନେ ହିଁ ସମାଜକୁ ଉଚିତ୍ ମାର୍ଗଦର୍ଶନ ସହ ଶୃଙ୍ଖଳିତ କରିଥାନ୍ତି

ଭୁବନେଶ୍ୱର,୬।୩(ବ୍ୟୁରୋ)

ମାନବ ସେବା ହିଁ ପରମ ଧର୍ମ। ମାନବିକତା ହିଁ କର୍ମ। ସମାଜସେବୀମାନେ ସମାଜର ପ୍ରକୃତ ବନ୍ଧୁ ଭାବେ କାର୍ଯ୍ୟ କରିଥାନ୍ତି। ସେହିପରି ଶିକ୍ଷକ ବା ଗୁରୁ ହେଉଛନ୍ତି ଦେଶ ଓ ଜାତିର ମେରୁଦଣ୍ଡ। ଗୁରୁମାନେ ହିଁ ସମାଜକୁ ଉଚିତ୍ ମାର୍ଗଦର୍ଶନ ସହ ଶୃଙ୍ଖଳିତ କରିଥାନ୍ତି ବୋଲି ରବିବାର ସ୍ୱର୍ଗତ ଯଦୁନାଥ ଦାସଙ୍କ ସ୍ମୃତିରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଶ୍ରୀ ଶିରିଡି ସାଇ ଟ୍ରଷ୍ଟର ଶାଖା ଭାଗୋଜୀ ସିନ୍ଧେ ସାଇ ପରିବାର ଆନୁକୂଲ୍ୟରେ କିଟ୍ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶିକ୍ଷାଦାନ ସହ ଜଡ଼ିତ ବ୍ୟକ୍ତି ଓ ସମାଜସେବୀ ଯୋଗଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ଦାସଙ୍କ କନ୍ୟା ସନ୍ଧ୍ୟାରାଣୀ ଦାସ କହିଲେ, ଯଦୁନାଥ ଜଣେ ସତ୍ୟବାଦୀ, ସ୍ପଷ୍ଟବାଦୀ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ଶିକ୍ଷାଦାନ ପ୍ରକ୍ରିୟା ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଗ୍ରହଣୀୟ ଥିଲା। ଶିକ୍ଷାଦାନ ସହ ଜଣେ ଭଲ ମଣିଷ ହେବା ପାଇଁ ସେ ସବୁବେଳେ ଉପଦେଶ ଦେଉଥିଲେ। ଅନେକ ଡାକ୍ତର, ଇଞ୍ଜିନିୟର, ଓକିଲ, ପ୍ରଶାସନିକ ଅଧିକାରୀ ପ୍ରମୁଖ ତିଆରି କରିଥିଲେ ବୋଲି ସେ କହିଥିଲେ। ସମାଜ ପ୍ରତି ଜୀବନବ୍ୟାପୀ ଅବଦାନ ଓ ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯଦୁନାଥ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ମରଣିକା 'ଅଭୁଲା ସ୍ମୃତି' ଉନ୍ମୋଚନ କରାଯାଇଥିଲା। ଶ୍ରୀ ଶିରିଡି ସାଇ ଆତ୍ମଦର୍ଶନ ଚାରିଟେବଲ ଟ୍ରଷ୍ଟର ସଂସ୍ଥାପକ ରଞ୍ଜନ କୁମାର ପାତ୍ର, ସହଯୋଗୀ ସୁବାସ ମହାପାତ୍ର, ଶଙ୍କର କୁମାର ଜେନା, ଉମାପ୍ରସାଦ ଷଡ଼ଙ୍ଗୀ ଓ ଭାଗୋଜୀ ସିନ୍ଧେ ସାଇ ପରିବାରର ସଦସ୍ୟ ପ୍ରଦ୍ୟୁମ୍ନ ବେହେରା, ପ୍ରକାଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

## ସଂକ୍ଷେପରେ

### ୩ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଶିକ୍ଷାଞ୍ଚଳ ଫାଣ୍ଡି ପୋଲିସ ଶନିବାର ରାତିରେ କୁମାରବସ୍ତ ଖଣି ଅଞ୍ଚଳରେ ଚଢ଼ାଉ କରି ୩ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ଜଣେ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ଶ୍ୟାମଘନ ବେହେରା(୩୨)। ପୋଲିସ ସୂଚନା ମୁତାବକ, ଶନିବାର ରାତି ପ୍ରାୟ ୩ଟାରେ କୁମାରବସ୍ତ ଖଣି ଅଞ୍ଚଳରେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ନେଇ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଜଣେ ଚାଳକଙ୍କୁ ଧରିଥିବା ବେଳେ ଅନ୍ୟ ୨ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ।

### ଉଦ୍ଧାର ସାମଗ୍ରୀ ଫେରାଇଲା ଆର୍‌ପିଏଫ୍

**ଜଟଣୀ, ୬।୩(ଡି.ଏନ୍.ଏ.):** ଅପରେଶନ ଅମାନତ ମିଶନରେ ପୂର୍ବତଟ ରେଳପଥର ଆର୍‌ପିଏଫ୍ ଟ୍ରେନ ଓ ଷ୍ଟେଶନରେ ଯାତ୍ରୀମାନେ ଛାଡ଼ିଯାଇଥିବା ବିଭିନ୍ନ ଲଗେଜ ଉଦ୍ଧାର କରି ଯାତ୍ରୀଙ୍କୁ ଫେରସ୍ତ କରୁଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଆରପିଏଫ୍ ଗତ ଫେବୃୟାରୀରେ ଏହି ମିଶନ ଜରିଆରେ ୧୦,୫୮,୮୮୧ ଟଙ୍କାର ଲଗେଜ ଉଦ୍ଧାର କରି ପ୍ରମାଣ ଆଧାରରେ ସମ୍ପୃକ୍ତ ଯାତ୍ରୀଙ୍କୁ ଫେରାଇ ଥିବା ଜଣାପଡ଼ିଛି। ଏହି ମଣ୍ଡଳର ଆର୍‌ପିଏଫ୍ ଅଧିକାରୀମାନେ ବୃଦ୍ଧ, ରୋଗୀ, ଗର୍ଭବତୀ ଏବଂ ଦିବ୍ୟାଙ୍ଗ ଯାତ୍ରୀଙ୍କୁ ସହାୟତା କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

### ସଚେତନତା କର୍ମଶାଳା

**ଖୋର୍ଦ୍ଧା ଅଫିସ,୬।୩:** ଜଟଣୀ ବ୍ଲକ ତରାବୋଇ ପଞ୍ଚାୟତରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଅଧିନ ଏମଏସ ସ୍ୱାମୀନାଥନ ସ୍କୁଲ ଅଫ ଏଗ୍ରିକଲ୍‌ଚର ଛାତ୍ର ଅବିନିତ ସାହୁ ଓ ଛାତ୍ରୀ ନିଶିଗନ୍ଧା ରଣସିଂ ଏକାଧିକ ଚାଷୀଙ୍କୁ ନେଇ ଦୁଇଦିନିଆ କୃଷକ ସଚେତନତା କର୍ମଶାଳା ଆୟୋଜନ କରିଥିଲେ। ଉନ୍ନତ ପ୍ରଣାଳୀରେ ଚାଷ କାର୍ଯ୍ୟ, ଉପଯୁକ୍ତ ବିହନ ଚୟନ, ମାଟି ପରୀକ୍ଷା, ରୋଗପୋକ ନିୟନ୍ତ୍ରଣ, ଉପଯୁକ୍ତ ସମୟରେ ସାର ପ୍ରୟୋଗ ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଜୈବିକ ଚାଷର ଉପକାରିତା ଓ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅଭିନାଶ ନାୟକ ଓ ବାସନ୍ତି ନାୟକ ପ୍ରମୁଖ ସହଯୋଗ କରିଥିଲେ।

### 'ଗୋଦାବରୀଶ ଥିଲେ ପାଇକ ଜାତିର ବୀର ପୁରୁଷ'

**ବେଗୁନିଆ, ୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଡ଼ମାଣତୀର ଗ୍ରାମର ଗୋଦାବରୀଶ ପାଇକରାୟ ଥିଲେ ପାଇକ ଜାତିର ବୀର ପୁରୁଷ। କେବଳ ସେତିକି ନୁହେଁ ସେ ଥିଲେ ଶିକ୍ଷକ ସଂଘର ଦକ୍ଷ ସଙ୍ଗଠକ। ତାଙ୍କ ମୃତ୍ୟୁ ପରେ ବେଗୁନିଆ ଅଞ୍ଚଳବାସୀ ସ୍ତବ୍ଧ ହୋଇଯାଇଛନ୍ତି ବୋଲି ରବିବାର ଗୋଦାବରୀଶଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ମତପ୍ରକାଶ ପାଇଛି। ପୂର୍ବତନ ଶିକ୍ଷକ ନେତା ସୁମନ୍ତ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଡିଆଇ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଯୋଗଦେଇଥିଲେ। କବି ବଳରାମ ରଣସିଂହ, ଜନ୍ମେଶର ମଙ୍ଗରାଜ, ମନମୋହନ ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ଲିଙ୍ଗରାଜ ମହାପାତ୍ର, ପ୍ରଫୁଲ୍ଲ ଦାସ, ପୂର୍ବତନ ଏସ୍‌ଆଇ ପ୍ରଫୁଲ୍ଲ ମହାପାତ୍ର, ଅବସରପ୍ରାପ୍ତ ବିଇଓ ଲଛମନ ପରିଡ଼ା, ବେଗୁନିଆ ବ୍ଲକ ଏବିଇଓ ଦିଲୀପ ମହାପାତ୍ର, ଭିକାରୀ ପୃଷ୍ଟି, ନବନିର୍ବାଚିତ ଗଡମାଣତୀର ସରପଞ୍ଚ କରୁଣାକର ଦଳସିଂହରାୟ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ଶିକ୍ଷକ ସଙ୍ଗଠନର ବରିଷ୍ଠ ନେତା, କର୍ମକର୍ତ୍ତା, ସଭାପତି, ସମ୍ପାଦକ ତଥା ପାଇକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଅଧ୍ୟକ୍ଷ ୨, କାଉନସିଲର ପଦ ପାଇଁ ୧୧ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବାଲୁଗାଁ,୬।୩(ଡି.ଏନ୍.ଏ.):** ପୌର ନିର୍ବାଚନ ପାଇଁ ବାଲୁଗାଁ ଏନ୍‌ଏସି ଅଞ୍ଚଳରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି। ଏହି ଏନ୍‌ଏସିରେ ଅଧ୍ୟକ୍ଷ ପଦ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଗତ ୨ ତାରିଖରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୪ର୍ଥ ଦିନ ସୁଦ୍ଧା କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇ ନ ଥିଲା। ରବିବାର ଅର୍ଥାତ୍ ୫ମ ଦିବସରେ ଅଧ୍ୟକ୍ଷ ପଦ ପାଇଁ ଭାଜପାରୁ ସ୍ୱପ୍ନାରାଣୀ ବଡ଼ଜେନା ଓ ସ୍ୱାଧୀନ ପ୍ରାର୍ଥୀ ମମତା ବଡ଼ଜେନା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କାଉନସିଲର୍ ପଦ ପାଇଁ ଭାଜପା ସମର୍ଥିତ ୧୧ଜଣ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ସୋମବାର ବିଜେଡି ସମର୍ଥିତ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି।

# ବିଜେଡିରେ ବଢ଼ୁଛି ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୬।୩**

- ଦଳ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିନି : ଦିଲୀପ
- ମୋ ସହ କୌଣସି ଆଲୋଚନା ହୋଇନି : ଆରିଫ୍
- ଦଳୀୟ ନିଷ୍ପତ୍ତି, ମୋର ନୁହେଁ : ବିଧାୟକ

ଖୋର୍ଦ୍ଧା ପୌର ନିର୍ବାଚନରେ ବିଜେଡିର ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଗୋଳିଆ ପାଣିରୁ ବିରୋଧୀ ଭାଜପା ଏବଂ କଂଗ୍ରେସ ଫାଇଦା ମାରିନେବାର ସମ୍ଭାବନା ରହିଛି ବୋଲି ଆଲୋଚନା ଚାଲିଛି। ଶନିବାର ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଉତ୍ସବରେ ଦଳୀୟ ପ୍ରାର୍ଥୀଙ୍କୁ ନେଇ କେତେଜଣ ଅସନ୍ତୁଷ୍ଟ କର୍ମୀ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ବିରୋଧ କରିଥିବା ବେଳେ ଜନୈକା ଆଶାୟୀ ପ୍ରାର୍ଥୀ ତାଲିକାରୁ ବାଦ୍ ପଡିବା ପରେ ସେ ବିଧାୟକ ମିତ୍ରଙ୍କୁ ଦାୟୀ କରିଥିଲେ। ଏପରି କି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଧସ୍ତାଧସ୍ତି ହୋଇଥିଲେ। ପୌରାଧ୍ୟକ୍ଷା ପଦ ପାଇଁ ଏକାଧିକ ଦଳୀୟ ନେତା ଆବେଦନ କରିଥିଲେ। ତେବେ ଦଳ ଜଣେ ନୂଆ ମୁହଁକୁ ପ୍ରାର୍ଥୀ କରିଥିବା ଜଣାପଡ଼ିବା ପରେ ଅସନ୍ତୋଷ ବଢିଥିଲା। ଖବର ଲେଖା ହେବା ସୁଦ୍ଧା ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ କୌଣସି ନିର୍ଦ୍ଦିଷ୍ଟ ନାମ ଘୋଷଣା କରି କରିନାହିଁ। ତେବେ ୨୨ନମ୍ବର ୱାର୍ଡର ପୂର୍ବତନ କାଉନସିଲର କନକଲକ୍ଷ୍ମୀ ମହାନ୍ତିଙ୍କ ନାମ ଚର୍ଚ୍ଚାକୁ ଆସିବା ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜଳିଥିଲା।

ପୌରାଧ୍ୟକ୍ଷା ପ୍ରାର୍ଥୀ ପାଇଁ ବିଜେଡି ଜିଲା ଉପସଭାପତି ଦିଲୀପ ହୋତା ଏବଂ ନଗର ସଭାପତି ମହମ୍ମଦ ଆରିଫଙ୍କ ସମ୍ପର୍କୀୟଙ୍କ ନାଁ ରହିଥିବାବେଳେ ଶେଷ ମୁହୂର୍ତ୍ତରେ ପରିବର୍ତ୍ତ ହୋଇଥିବା ଜାଣିବା ପରେ ଦୁହେଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲା ଉପସଭାପତି ହୋତା କହିଛନ୍ତି, ମୋ' ସହଧର୍ମିଣୀ ସୁଚିତ୍ରା ପୌରାଧ୍ୟକ୍ଷା ପଦ ପାଇଁ ଆଶାୟୀ ଥିଲେ। ତାଙ୍କ ନାମ କେଉଁ କାରଣରୁ ବାଦ୍ ଦିଆଯାଇଛି ବୋଲି ସେ ବିଧାୟକଙ୍କୁ ପଚାରିଥିଲେ। ଦଳର ନିଷ୍ପତ୍ତିକୁ ବିରୋଧ କରି ନ ଥିଲେ। ଶୃଙ୍ଖଳିତ କର୍ମୀ ଭାବେ ଦଳର ନିଷ୍ପତ୍ତିକୁ ଗ୍ରହଣ କରିଛୁ। ତେବେ ଦଳ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି।

ସେହିପରି ମହମ୍ମଦ ଆରିଫ କହିଛନ୍ତି, ମୁଁ ଦଳର ଶୃଙ୍ଖଳିତ କର୍ମୀ ଏବଂ ନଗର ସଭାପତି ଅଛି। ତେବେ ପ୍ରାର୍ଥୀ ଚୟନ ବେଳେ ମୋର କୌଣସି ମତାମତ ନିଆଯାଇନାହିଁ। ଏ ସମ୍ପର୍କରେ ମୋ ସହ ବିଧାୟକ ଆଲୋଚନା କରିନାହାନ୍ତି। ଜିଲା ସଭାପତି ମଧ୍ୟ ନୀରବ ରହିଛନ୍ତି। ଶେଷ ମୁହୂର୍ତ୍ତରେ ଟିକେଟ କିପରି ଓ କାହା ଇଙ୍ଗିତରେ ପରିବର୍ତ୍ତନ ହେଲା, ତାହା ବୁଝିପାରୁନାହିଁ। ଏହା ପଛରେ କିଏ, ତାହାର ପର୍ଦ୍ଦାଫାସ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏନେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଦଳର ନିଷ୍ପତ୍ତି ହେଉଛି ସର୍ବୋଚ୍ଚ ନିଷ୍ପତ୍ତି। ପୌରାଧ୍ୟକ୍ଷା ପଦ ପାଇଁ ଏକାଧିକ ପ୍ରାର୍ଥୀଙ୍କ ନାମ ଆସିଥିଲା। ଯାହଙ୍କ ନାମ ଚୟନ ହୋଇଛି ତାହା ଦଳୀୟ ନିଷ୍ପତି, ମୋର ନୁହେଁ। ବିଜେଡି ଏକ ଶୃଙ୍ଖଳିତ ଦଳ। ଟିକେଟକୁ ନେଇ କେହି ଅସନ୍ତୋଷ ନାହାନ୍ତି। ଯଦି କେହି ବି ଅସନ୍ତୋଷ ଅଛନ୍ତି ତେବେ ଆଲୋଚନା କରାଯାଇ ସମାଧାନ କରାଯିବ। ପଞ୍ଚାୟତ ନିର୍ବାଚନ ପରି ପୌର ନିର୍ବାଚନରେ ଦଳ ଶତ ପ୍ରତିଶତ ସଫଳତା ହାସଲ କରିବ।

## କଂଗ୍ରେସରୁ ବିନୋଦିନୀଙ୍କ ପ୍ରାର୍ଥୀପତ୍ର ଦାଖଲ



ବିନୋଦିନୀ ମହାପାତ୍ର ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୬।୩**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ନାମାଙ୍କନର ଷଷ୍ଠ ଦିନରେ ରବିବାର ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ କଂଗ୍ରେସର ବିନୋଦିନୀ ମହାପାତ୍ର ପୌର କାର୍ଯ୍ୟାଳୟରେ ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିସହ ପ୍ରଥମ ପର୍ଯ୍ୟାୟରେ କଂଗ୍ରେସରୁ ୩ନଂ ୱାର୍ଡରୁ ଗିରିଜା ଭୂଷଣ ମହାପାତ୍ର, ୬ନଂ. ୱାର୍ଡରୁ ବିଷ୍ଣୁଚରଣ ଦାସ, ୭ନଂ ୱାର୍ଡରୁ ଆଶିଷ ନାୟକ, ୧୫ନଂ ୱାର୍ଡରୁ ଗୁଲସନ ବେଗମ୍ ଏବଂ ୨୨ନଂ ୱାର୍ଡରୁ ପ୍ରକାଶ ଚନ୍ଦ୍ର ବେହେରା ନାମାଙ୍କନ ଦାଖଲ କରିଛନ୍ତି। ରବିବାର ନୂଆବସ୍ ଷ୍ଟାଣ୍ଡଠାରୁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ବାହାରି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର, ଜିଲା ମୁଖପାତ୍ର ଅମିତ ମହାନ୍ତି, ଜିଲା ଉପସଭାପତି ଶିଶିର ପରିଡା, ଜିଲା ସମ୍ପାଦକ ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟ ପଟ୍ଟନାୟକ, ଜିଲା ପର୍ଯ୍ୟବେକ୍ଷକ କୁସୁମ ପ୍ରଧାନ, ପଦ୍ମଚରଣ ରାଏ, ପ୍ରଦୋଷ ହରିଚନ୍ଦନ, ହଲିମ ଖାନ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ବିନୋଦିନୀ କହିଥିଲେ, ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଓ ଯୋଜନା ଯେପରି ଲୋକଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବି। ସ୍ୱଚ୍ଛ ସୁନ୍ଦର ଖୋର୍ଦ୍ଧା ସହର ଗଠନର ଲକ୍ଷ୍ୟ ରହିଛି। ନଗର କଂଗ୍ରେସ ସଭାପତି ରଣଜିତ କହିଥିଲେ, ଖୋର୍ଦ୍ଧାରେ ସ୍ୱଚ୍ଛ ପାନୀୟଜଳ, ପରିମଳ, ସ୍ୱାସ୍ଥ୍ୟ ଏବଂ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ଏକ ମୁଖ୍ୟ ସମସ୍ୟା ହେଉଛି କ୍ୟାବିନ। କ୍ୟାବିନମୁକ୍ତ ସହର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଦିଲ୍ଲୀ ଶୈଳୀରେ ଖୋର୍ଦ୍ଧାର ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ।

# ଚିଲିକାରେ ବିପଜ୍ଜନକ ନୌଯାତ୍ରା



ବିପଜ୍ଜନକ ଭାବେ ଲୋକମାନେ ଡ଼ଙ୍ଗାରେ ଜହ୍ନିକୁଦାରୁ ସାତପଡ଼ା ଯାତ୍ରା କରୁଛନ୍ତି।

**କୃଷ୍ଣପ୍ରସାଦ, ୬।୩(ଡି.ଏନ୍.ଏ.)**

ବିଶ୍ୱପ୍ରସିଦ୍ଧ ତୀର୍ଥକ୍ଷେତ୍ର ପୁରୀକୁ ଯିବା ପାଇଁ କୃଷ୍ଣପ୍ରସାଦ ଓ ଦକ୍ଷିଣ ଓଡ଼ିଶାର ଲୋକେ ଚିଲିକା ଉପରେ ନିର୍ଭର କରିଥାନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଜଳଯାତ୍ରା କରିବାକୁ ପଡ଼ିଥାଏ। ଏହାଦ୍ୱାରା ୨ଶହ କିଲୋମିଟର ରାସ୍ତା କମିଥାଏ। ଯାତ୍ରୀଙ୍କ ଯାତାୟାତ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଦୁଇଟି ଭସାପୋଲର ବ୍ୟବସ୍ଥା କରିଛନ୍ତି। ତେବେ ଏହି ଦୁଇଟି ଭସାପୋଲ ଅଚଳ ହୋଇପଡ଼ିବାରୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଫଳରେ ପୁରୀକୁ ଯିବା ପାଇଁ ଯାତ୍ରୀମାନେ ଡଙ୍ଗାରେ ବିପଜ୍ଜନକଭାବେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଦୁଇଟି ଭସାପୋଲରେ ଦୈନିକ ଶତାଧିକ ଲୋକଙ୍କ ସହିତ ବସ୍, ଟ୍ରକ୍, କାର୍ ଆଦି ଯାନବାହନ ଯାଇଥାଏ। ଏହି ଦୁଇଟି ଭସାପୋଲ ଅଚଳ ହେବାରୁ ଯାତ୍ରୀଙ୍କ ଅସୁବିଧାକୁ ଲକ୍ଷ୍ୟ କରି ସିଡିଏ ପକ୍ଷରୁ ଗୋଟିଏ ଛୋଟ ଭସାପୋଲର ବ୍ୟବସ୍ଥା କରାଯାଇଛି। ତେବେ ଏଥିରେ କମ୍ ଯାତ୍ରୀ ଯାତାୟାତ କରୁଥିବାରୁ ବହୁ ଯାତ୍ରୀ ବିପଜ୍ଜନକ ଭାବେ ଡଙ୍ଗାରେ ଯାତାୟାତ କରୁଛନ୍ତି। ଅନ୍ୟପଟେ ସନ୍ଧ୍ୟା ୫ଟା ପରେ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ଭବ ହେଉନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଜହ୍ନିକୁଦା-ସାତପଡା ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଭସାପୋଲ ଚାଲିବା ନିମନ୍ତେ ଏକ ଚିହ୍ନଟ ଖୁଣ୍ଟ ପୋତାଯାଇ ଚ୍ୟାନେଲ ଖୋଳାଯାଇଛି । ଉକ୍ତ ଚ୍ୟାନେଲ ଦେଇ ଯାତ୍ରୀବାହୀ ଭସାପୋଲ ଯାତାୟାତ କରିଥାଏ। ଚିଲିକାର ଜଳସ୍ତର କମିବା ଯୋଗୁ ବାରମ୍ବାର ଭସାପୋଲ ଚିଲିକା ମଝିରେ ଅଟକୁଥିବା ନଜିର ରହିଛି। ଏ ସମ୍ପର୍କରେ ସିଡିଏ(ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ)ର ସହକାରୀ ଯନ୍ତ୍ରୀ ମଙ୍ଗୁଳି ଚରଣ ରାଉତ କହିଛନ୍ତି, ଯାତ୍ରୀଙ୍କ ସୁରକ୍ଷାକୁ ଲକ୍ଷ୍ୟ କରି ଖୁବ୍‌ଶୀଘ୍ର ଯାତାୟାତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଭସାପୋଲ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

## ୨୦ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ,୬।୩**

ଖୋର୍ଦ୍ଧା ନିର୍ବାଚନ ପାଇଁ ଚାଲିଛି ନାମାଙ୍କନ। ରବିବାର ପୌରାଧ୍ୟକ୍ଷା ପଦ ପାଇଁ କଂଗ୍ରେସର ବିନୋଦିନୀ ମହାପାତ୍ରଙ୍କ ସମେତ କାଉନସିଲର ପ୍ରାର୍ଥୀ ନିମନ୍ତେ ୨୦ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୨ନଂ ୱାର୍ଡରୁ ତିଲୋତ୍ତମା ବେହେରା, ୩ରୁ ଗିରିଜା ଭୂଷଣ ମହାପାତ୍ର, ୪ରୁ ପ୍ରଶାନ୍ତ କୁମାର ସେଠୀ, ବିମଳ କିଶୋର ଦାସ, ୬ରୁ ଅନିତା ପ୍ରଧାନ, ବିଷ୍ଣୁ ଚରଣ ଦାସ, ୭ରୁ ଅଜିତ କୁମାର ମହାପାତ୍ର, ଆଶିଷ ନାୟକ, ସୁଶାନ୍ତ କୁମାର ଜେନା, ୯ରୁ ରଶ୍ମିତା ବେହେରା, ୧୨ରୁ ଜାନକୀ ବଲ୍ଲଭ ବେହେରା, ବ୍ରହ୍ମାନନ୍ଦ ବେହେରା, ୧୫ରୁ ଜୟନ୍ତୀ ରାୟ, ୧୯ରୁ ପଦ୍ମିନୀ ମିଶ୍ର, ୨୧ରୁ ଗୁଲଦସ୍ତା ବେଗମ୍ ଓ ଗୁଲସନ ବେଗମ୍, ୨୨ରୁ ପ୍ରକାଶ ଚନ୍ଦ୍ର ବେହେରା ଏବଂ ନାଗଭୂଷଣ ଜେନା ପ୍ରମୁଖ ନାମାଙ୍କନ ଦାଖଲ କରିଥିବା ପୌର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସୋମବାର ନାମାଙ୍କନର ଶେଷ ଦିବସରେ ବିଜେଡି ଏବଂ ଭାଜପା ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ।

## କୁନିଲତା ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ, ୬।୩**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ସୋମବାର ନାମାନଙ୍କର ଶେଷ ଦିବସ। ରବିବାର ଭାରତୀୟ ଜନତା ପାର୍ଟି ପୌରାଧ୍ୟକ୍ଷ ଓ ୨୨ଟି କାଉନସିଲର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପୌରାଧ୍ୟକ୍ଷା ପ୍ରାର୍ଥୀଭାବେ ପୂର୍ବତନ ଉପାଧ୍ୟକ୍ଷା କୁନିଲତା ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଛି। ନବିନାବାଗସ୍ଥିତ ଏକ କଲ୍ୟାଣମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏହି ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ନଗର ସଭାପତି ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାର୍ଥୀ କୁନିଲତା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ସମୃଦ୍ଧି ପଥରେ ଆଗେଇ ଚାଲିଛି। ମୋଦିଙ୍କ ସ୍ୱଚ୍ଛ ଶାସନ, ସବ୍‌କା ସାଥ୍ ସବ୍‌କା ବିକାଶ, ଆତ୍ମନିର୍ଭର ଭାରତ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଭାଜପା ପ୍ରତି ଜନତାଙ୍କ ଆସ୍ଥା ରହିଛି। ଖୋର୍ଦ୍ଧାକୁ ଏକ ରୋଲ ମଡେଲ ସହର ଭାବେ ଗଢିତୋଳିବା ଲକ୍ଷ୍ୟ ରହିବ।

## ୩ ଗ୍ରିଲ ଚୋର ଗିରଫ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଘର ପାଚେରି ଡେଇଁ ଗ୍ରୀଲ ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ପାଟନା ଗ୍ରାମର ରାଜେଶ ଭୋଇ, ଗଞ୍ଜାମର ସଞ୍ଜୟ ଦାଶ ଓ ଯାଜପୁରର ମାଲା। ଏମାନଙ୍କଠାରୁ ୩୦କେଜି ଓଜନର ଲୁହା ଗ୍ରିଲ ଗେଟ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅଶୋକ କୁମାର ଜେନାଙ୍କ ବଜରଙ୍ଗ ନଗର ମଞ୍ଚେଶ୍ୱରଠାରେ ରୁହନ୍ତି। ପରିବାର ଲୋକେ ଶୋଇବା ପରେ ଅଭିଯୁକ୍ତମାନେ ପାଚେରି ଡେଇଁ ଗ୍ରିଲ ଚୋରି କରିନେଉଥିବା ବେଳେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରେ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିଥିଲା।

## 'ରାମକୃଷ୍ଣଙ୍କ ବାଣୀ ସାମାଜିକ ଶାନ୍ତିର ବାହକ'



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼, ୬।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଟିକାତାଲସ୍ଥିତ ରାମକୃଷ୍ଣ ସେବାଶ୍ରମରେ ରାମକୃଷ୍ଣ ପରମହଂସଙ୍କ ୧୮୭ତମ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି। ଶୁକ୍ରବାର ଜନ୍ମତିଥି ପୂଜା ଏବଂ ରାମକୃଷ୍ଣ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସହ ହୋମ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ମହାରାଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ଏକ ଭକ୍ତ ସମ୍ମେଳନ ଆଶ୍ରମ ସଭାପତି ବାସୁଦେବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରୁ ସାମୂହିକ ଜପ, ଧ୍ୟାନ, ରାମକୃଷ୍ଣ ଅଷ୍ଟୋତ୍ତର ଶତନାମ, ସାରଦା ଅଷ୍ଟୋତ୍ତର ଶତନାମ ପାଠ କରାଯାଇଥିଲା। ଦିଲୀପ କୁମାର ପଣ୍ଡା ଶ୍ରୀରାମକୃଷ୍ଣ ଲୀଳା ପ୍ରସଙ୍ଗ ପାଠ କରିଥିଲେ। ସୁବଳ ଛୁଆଲସିଂହ ଶ୍ରୀରାମକୃଷ୍ଣ କଥାମୃତ ପାଠ କରିଥିଲେ। ଢଂସର ଆଶ୍ରମର ବରିଷ୍ଠ ସଦସ୍ୟ ହୃଷୀକେଶ ସାମନ୍ତରାୟ ଶ୍ରୀରାମକୃଷ୍ଣ ଲୀଳାମୃତ ଓ ଭାଗୀରଥି ବାବୁ ରାମକୃଷ୍ଣ ଶରଣଂ ଗାନ କରିଥିଲେ। ଜୟଶ୍ରୀ ସାହୁ, ସ୍ୱାମୀ ଭାଗବତାନନ୍ଦ ମହାରାଜ ରାମକୃଷ୍ଣ ପରମହଂସଙ୍କ ଜୀବନୀ ଓ ଉପଦେଶ ସମ୍ବନ୍ଧରେ ଆଲୋଚନା କରି କହିଥିଲେ, ରାମକୃଷ୍ଣ ପରମହଂସଙ୍କ ବାଣୀ ସାମାଜିକ ଶାନ୍ତିର ବାହକ। ଅଧ୍ୟାପକ ସର୍ବେଶ୍ୱର ସାହୁ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷକ ପଦ୍ମଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ଅଧିବେଶନରେ ନବନିର୍ବାଚିତ ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ଓ ସରପଞ୍ଚ ଜୟନ୍ତୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ କିଶୋର ଛୁଆଲସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ମାରିଦେଲେ

**ଗୋପ, ୬।୩(ଡି.ଏନ୍.ଏ.)**

**ଜେଲ ଗଲେ ସ୍ୱାମୀ, ଶ୍ୱଶୁର**

ଗୋପ ଥାନା ଅନ୍ତର୍ଗତ ଶଙ୍ଖାରିଆ ଗ୍ରାମରେ ଯୌତୁକ ଟଙ୍କା ପାଇଁ ଜଣେ ମହିଳାଙ୍କୁ ବିଷ ପିଆଇ ମାରିଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟା ମହାନ୍ତି। ମୃତାଙ୍କ ମା' ଭାରତୀ ମହାନ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୮/୨୨)ରୁଜୁକରି ମୃତାଙ୍କ ସ୍ୱାମୀ ଚିନ୍ମୟ ବାରିକ ଓ ଶ୍ୱଶୁର ଭାସ୍କର ବାରିକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ ଚିନ୍ମୟ ୮ମାସ ପୂର୍ବେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟାଙ୍କୁ ଭଲପାଇ କେଉଁଆଡେ ନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ନିଆଳି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ କିଛିଦିନ ପରେ ଚିନ୍ମୟ ବିବାହ କରି ବନ୍ୟାଙ୍କୁ ଗାଁକୁ ଆଣିଥିଲେ। ତେବେ ଯୌତୁକ ଟଙ୍କା ଆଣିବାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଫେବୃୟାରୀ ୨୩ରେ ଚିନ୍ମୟ ଭଉଣୀଙ୍କ ବିବାହ ଥିବାରୁ ଟଙ୍କାକୁ ନେଇ ବିବାଦ ହୋଇଥିଲା। ବିବାହ ପରେ ପୁନର୍ବାର ଯୌତୁକ ଟଙ୍କା ଆଣିବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ବନ୍ୟା ଅରାଜି ହେବାରୁ ଚିନ୍ମୟ ତାଙ୍କୁ ଗାଳିଗୁଲଜ କରିଥିଲେ। ବନ୍ୟା ୩ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ବନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଯୌତୁକ ଟଙ୍କା ଆଣିବା ପାଇଁ ବନ୍ୟାଙ୍କୁ ଶାଶୁଘର ଲୋକେ ମାଡ଼ ମାରିବା ସହ ବିଷ ପିଆଇ ମାରିଦେଇଛନ୍ତି ବୋଲି ମା' ଭାରତୀ ଗୋପ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଭାସ୍କର ମାଣିଆ କଟକ ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲେ।

## ସ୍ୱର୍ଣ୍ଣିମ ଭାରତ ନିର୍ମାଣର ପ୍ରକୃତ କର୍ଣ୍ଣଧାର ମହିଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପୁରୀ ଅଫିସ, ୬।୩**

ବିଶ୍ୱ ମହିଳା ଦିବସ ଉପଲକ୍ଷେ ରବିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୁରୀ ବଳିଆପଣ୍ଡାସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ତରଫରୁ ଓଁ ଶାନ୍ତି ଅଡିଟୋରିୟମରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ମହିଳା ସ୍ୱର୍ଣ୍ଣିମ ଭାରତ ନିର୍ମାଣର ପ୍ରକୃତ କର୍ଣ୍ଣଧାର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଡା.ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ, ମା'ଶିକ୍ଷାଦାତ୍ରୀ ଓ ପାଳନ କର୍ତ୍ତା। ନାରୀ ସଶକ୍ତୀକରଣ ପାଇଁ ବେଟି ପଢାଅ ଓ ବେଟି ବଞ୍ଚାଅ ସ୍ଲୋଗାନ ପ୍ରକୃତ ଭିତ୍ତିଭୂମି ହିଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ। ଅତିଥି ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ.ମଧୁସ୍ମିତା ଦାଶ, ପ୍ରଫୁଲ୍ଲ ମିଶ୍ର, ଭିକାରୀ ଚରଣ ଗୁରୁ, ରାମଚନ୍ଦ୍ର ଜେନା, ପ୍ରଦୀପ ସାହୁ, ଶରତ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇଥିଲେ।

# ଜିଲା ଗଠନର ୨୮ ବର୍ଷ ପରେ ବି ପଛୁଆ

**ଖୋର୍ଦ୍ଧା ଅଫିସ, ୬।୩**

ଲାଲ୍‌ମାଟିର ଗଡ଼ ଖୋର୍ଦ୍ଧା। ଐତିହ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ସମେତ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ଖୋର୍ଦ୍ଧାର ଯେପରି ସ୍ୱତନ୍ତ୍ର ପରିଚୟ ରହିଛି, ଖୋର୍ଦ୍ଧା ନାଲି ଗାମୁଛାର ସେହିପରି ପ୍ରସିଦ୍ଧି ରହିଛି। ଏହାସତ୍ତ୍ୱେ ବିକାଶ କ୍ଷେତ୍ରରେ ଖୋର୍ଦ୍ଧା ଜିଲା ପଛରେ ପଡ଼ିଛି। ଜିଲା ଗଠନ ହେବାର ୨୮ ବର୍ଷ ବିତିଗଲାଣି। ଅଥଚ ଆଖିଦୃଶିଆ ବିକାଶ ହୋଇପାରି ନ ଥିବା କୁହାଯାଉଛି।

ବରୁଣେଇ ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ ବୋଲି କୁହାଯାଏ। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ଏଠାରେ ଦୁଇହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧ କୀର୍ତ୍ତିରାଜି ରହିଛି। ଅଥଚ ଏହି ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ। ଇତିହାସର ପଦଚିହ୍ନ ଗଡ଼ଖୋର୍ଦ୍ଧା ଓ ସଂଲଗ୍ନ ପାର୍ଶ୍ୱରେ ଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ନଷ୍ଟ ହେବାକୁ ବସିଛି। ରାଜ୍ୟର ପ୍ରତିଷ୍ଠିତ ବିଦ୍ୟାଳୟ ମଧ୍ୟରେ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଅନ୍ୟତମ। ବହୁ ଜନନାୟକ, ରାଜନୈତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ପ୍ରମୁଖ ଏହି ବିଦ୍ୟାଳୟରୁ ଶିକ୍ଷାଦାନ କରି ଏହାର ଗୌରବ ବୃଦ୍ଧି କରିଛନ୍ତି। ଏହି ଶିକ୍ଷାନୁଷ୍ଠାନକୁ ଜାତୀୟସ୍ତରୀୟ ବିଦ୍ୟାଳୟ ମାନ୍ୟତା ଦେବାକୁ ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଇନାହିଁ। ବିଦ୍ୟାଳୟର ଖେଳ ପଡ଼ିଆ ଏକ ଘରୋଇ ଅନୁଷ୍ଠାନ ହାତରେ ରହିଛି। ପୁରୁଣା ଛାତ୍ରାବାସ ଖୋର୍ଦ୍ଧା ପୋଲିସ କାମରେ ଲାଗିଛି। ଇତିହାସକୁ ଜାବୋଡ଼ି ରଖିଥିବା ଏହି ବିଦ୍ୟାଳୟ ଅସ୍ତିତ୍ୱ ହରାଇବାକୁ ବସିଲାଣି। ଶିକ୍ଷାର ପ୍ରଗତି ପାଇଁ ସ୍ୱାଧିନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଏଠାରେ ମହାବିଦ୍ୟାଳୟ ଆରମ୍ଭ କରିଥିଲେ। ଏହା ପ୍ରାଣନାଥ କଲେଜ ଭାବେ ପରିଚିତ। ଏହାକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ବି ସରକାର କର୍ଣ୍ଣପାତ କରୁ ନାହାନ୍ତି। ଓଡ଼ିଆ ଜାତିର ଅସ୍ମିତା ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୩ବର୍ଷ ବିତିବାକୁ ବସିଲାଣି, ଆଜି ପର୍ଯ୍ୟନ୍ତ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ କାର୍ଯ୍ୟ ଆଗେଇପାରିନାହିଁ। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉନ୍ନତ ସେବା ମିଳିପାରୁନାହିଁ। ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଦୀର୍ଘ ବର୍ଷ ଧରି କ୍ୟାବିନ ଉଚ୍ଛେଦ ପାଇଁ ଚାଲିଥିବା ପ୍ରସ୍ତାବ କାଗଜକଲମରେ ସୀମିତ ରହିଛି। ଜିଲା ସଦର ମହାକୁମା ଖୋର୍ଦ୍ଧା ହୋଇଥିଲେ ବି ରାଜଧାନୀ ଭୁବନେଶ୍ୱରରେ ରହିଛି ଅଧିକାଂଶ କାର୍ଯ୍ୟାଳୟ। ସହରର ମୁଖ୍ୟ ସମସ୍ୟା ଡ୍ରେନେଜ ବ୍ୟବସ୍ଥା। ବର୍ଷ ବର୍ଷ ଧରି ଡ୍ରେନ ସଫା ନ ହେବାରୁ ପୋତି ହେବାକୁ ବସିଲାଣି। ମୁକ୍ତା ଯୋଜନାରେ କେତୋଟି ପ୍ରକଳ୍ପ ଚାଲିଛି। କାମ ନିମ୍ନମାନର ହେଉଥିବା ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ଖଣ୍ଡନ କରିବା ସହ ଖୋର୍ଦ୍ଧା ସହରର ସର୍ବାଙ୍ଗୀନ ବିକାଶ ପାଇଁ ବହୁବିଧ ପଦକ୍ଷେପ ନିଆଯାଉଛି ବୋଲି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି।




୬।୩।୨୦୨୨

| ୩,୭୦,୬୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ମହନ୍ତ ବନମାଳୀ ଦାସଙ୍କ ଶ୍ରାଦ୍ଧ ଦିବସ

କଣାସ, ୬।୩(ସ୍ୱ.ପ୍ର.): କଣାସ ବଡ଼ମଠର ମହନ୍ତ ବନମାଳୀ ଦାସ ମହାରାଜଙ୍କ ୪୩ତମ ଶ୍ରାଦ୍ଧ ବାର୍ଷିକୀ ରବିବାର ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷାବିତ ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡଜେନା, ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ମହନ୍ତ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ମହନ୍ତ ବନମାଳୀ ଦାସଙ୍କ ଅଞ୍ଚଳ ପ୍ରତି ଅବଦାନ ସମ୍ପର୍କରେ ଶିକ୍ଷାବିତ୍ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ।

### ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା

ସାକ୍ଷୀଗୋପାଳ, ୬।୩(ଡି.ଏନ୍.ଏ.): ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ଓ ସାକ୍ଷୀଗୋପୀନାଥ ପଶାଖେଳ ସଂଘର ମିଳିତ ଆନୁକୂଲ୍ୟରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ, ପରିଚାଳନା ପରିଷଦ ସଭ୍ୟ ଦେବାଶିଷ ପତ୍ରୀ ଓ କାଳୀପ୍ରସାଦ ମହାପାତ୍ର ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶାଖେଳ ସଂଘର ସଭାପତି ସୁରେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଯେନା, ସେବାୟତ ଶ୍ୟାମସୁନ୍ଦର ମହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର ଓ ଖବରଦାତା ପୂର୍ଣ୍ଣାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ଏଥିରେ ୨୬ଟି ଦଳ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବୈଠକ

ପୁରୀ ଅଫିସ, ୬।୩: ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବୈଠକ ରବିବାର ଜଗନ୍ନାଥ ବଲ୍ଲଭ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ଶ୍ରୀନିବାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପଞ୍ଚ ଦେବତା ଓ ସେମାନଙ୍କ ଦ୍ୱାରପାଳ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ଡ. ନୃସିଂହ ଚରଣ ସାହୁ ଏବଂ ଅଧାପିକା ବାସନ୍ତୀ ଦେବୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପଞ୍ଚଦେବତା କହିଲେ ଶ୍ରୀଗଣେଶ, ଶ୍ରୀନାରାୟଣ, ଶ୍ରୀରୁଦ୍ର, ଦେବୀ ଅମ୍ବିକା ଏବଂ ଶ୍ରୀସୂର୍ଯ୍ୟନାରାୟଣଙ୍କୁ ବୁଝାଏ ବୋଲି କହିଥିଲେ। ଉକ୍ତ ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ, ସତ୍ୟନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. କାଦମ୍ବିନୀ ଦାଶ, ଅନନ୍ତ ଚରଣ ମହାନ୍ତି, ନକୁଳ ଚରଣ ସ୍ୱାଇଁ, ସୁନିଲ କୁମାର ମିଶ୍ର ଏବଂ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀକ୍ଷେତ୍ର ମୁଦ୍ରଣ ଗୁରୁଙ୍କ ସ୍ମୃତିଚାରଣ

ପୁରୀ ଅଫିସ, ୬।୩: ଶ୍ରୀକ୍ଷେତ୍ର ମୁଦ୍ରଣ ଗୁରୁ ଭାବେ ପରିଚିତ କୃଷ୍ଣମୋହନ ମହାନ୍ତିଙ୍କ ପ୍ରଥମ ପୁଣ୍ୟତିଥିରେ ଶ୍ରୀଗୁଣ୍ଡିଚା ଭକ୍ତନିବାସରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ରବୀନ୍ଦ୍ରନାଥ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇ ମୁଦ୍ରଣାଳୟ ଓ ସମାଜରେ ତା'ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ 'ସ୍ମୃତି ଅଳିନ୍ଦରୁ' ସ୍ମରଣିକା ପ୍ରକାଶିତ ହୋଇଥିଲା। ସେହିପରି ଡ. ଶିବଶଙ୍କର ଜେନାଙ୍କ ଗାନ୍ଧୀ ଆଦର୍ଶର ଉପନ୍ୟାସ ଅନୁଭୂତି ଏବଂ ଡ. ପ୍ରମିଳ୍ ନନ୍ଦଙ୍କ ତିନୋଟି ନାଟକ ଓ ଉପନ୍ୟାସ ଉନ୍ମୋଚିତ ହୋଇଥିଲା। ସାହିତ୍ୟିକ ଲକ୍ଷ୍ମୀଧର ଜେନା ଓ ସଦାଶିବ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁମାର ଭଗବାନଙ୍କ ସଂଯୋଜନାରେ ଭଜନାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ନୃସିଂହ ମହାନ୍ତି, ଶ୍ୟାମପ୍ରକାଶ ସେନାପତି ଓ ସୁରେଶ ପଟ୍ଟନାୟକ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଦାମୋଦର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପରିବାରକୁ ଦେଖି ଝରିଲା ଆନନ୍ଦାଶ୍ରୁ

## ୟୁକ୍ରେନରୁ ପୁରୀ ଫେରିଲେ ୨ ଛାତ୍ରୀଛାତ୍ର

■ ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇଲେ

■ ବଖାଣିଲେ ଦୁଃଖ ଓ ଯନ୍ତ୍ରଣାର କଥା

ପୁରୀ ଅଫିସ, ୬।୩:



ସତ୍ୟଶ୍ରୀ ମହାପାତ୍ର



ପରିବାର ସଦସ୍ୟଙ୍କ ଗହଣରେ ପ୍ରେରଣା ।

ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ରବିବାର ୧୧ ଦିନରେ ପହଞ୍ଚିଛି। ରୁଷ୍ ଆକ୍ରମଣରେ ୟୁକ୍ରେନ୍‌ର ରାଜଧାନୀ ସମେତ ବଡ଼ ବଡ଼ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଜୀବନ ବଞ୍ଚାଇବା ପାଇଁ କେହି ନିଜ ପରିବାର ସହ ବଙ୍କରରେ ଲୁଚି ରହିଛନ୍ତି ତ ଆଉ କେହି ପଡ଼ୋଶୀ ରାଷ୍ଟ୍ରକୁ ଚାଲିଆସୁଛନ୍ତି। ଓଡ଼ିଶାରୁ ଡାକ୍ତରୀ ପାଠ ପଢ଼ିବାକୁ ଯାଇଥିବା ବହୁ ଛାତ୍ରୀଛାତ୍ର ସେଠାରେ ଫସି ରହିଥିବାବେଳେ ସେମାନଙ୍କୁ ଉଦ୍ଧାର ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଏଭଳି ସ୍ଥିତିରେ ଦୁଃଖ ଯନ୍ତ୍ରଣା ସହି କଷ୍ଟେମଷ୍ଟେ ରବିବାର ପୁରୀରେ ପହଞ୍ଚିଛନ୍ତି ୨ ଛାତ୍ରୀଛାତ୍ର। ସେମାନେ ହେଲେ ପୁରୀ ନବକଳେବର ରୋଡର ସତ୍ୟଶ୍ରୀ ମହାପାତ୍ର ଏବଂ ଦଣ୍ଡତୋଟା ଅଞ୍ଚଳର ପ୍ରେରଣା ମିଶ୍ର। ଅନ୍ୟ ଜଣେ ଛାତ୍ରୀ ଚନ୍ଦ୍ରିକା ମିଶ୍ର ମଙ୍ଗଳବାର ଆସି ଏଠାରେ ପହଞ୍ଚିବେ ବୋଲି ଜଣାପଡ଼ିଛି।

ସତ୍ୟଶ୍ରୀ କହିଛନ୍ତି, ସେ ୟୁକ୍ରେନ୍‌ରେ ଡାକ୍ତରୀ ପାଠ ପଢୁଥିଲେ। ହଠାତ୍ ଯୁଦ୍ଧ ହେବାରୁ ସେଠାରେ ଫସିଯାଇଥିଲେ। ଜୀବନ ବଞ୍ଚାଇବା ପାଇଁ ସେ ରହୁଥିବା ଆପାର୍ଟମେଣ୍ଟର ବଙ୍କରରେ ଆଶ୍ରୟ ନେଇଥିଲେ। ପରେ ୟୁକ୍ରେନ୍‌ର ପଡ଼ୋଶୀ ଦେଶ ପୋଲାଣ୍ଡ ଅଭିମୁଖେ ଚାଲିଆସିଥିଲେ। ଗତ ୧ ତାରିଖରେ ସେ ରହୁଥିବା ଖର୍କିଭ ସହରରୁ ଟ୍ୟାକ୍ସି ଯୋଗେ ରେଳଷ୍ଟେସନରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍‌ରେ ୧୦୨୦ କିମି ପାଖାପାଖି ଆସିବା ପରେ ପୋଲାଣ୍ଡ ଯିବା ପାଇଁ ବସ୍ ଯୋଗେ ୨୦୦ କିମି ଯାତ୍ରା କରିଥିଲେ। ସୀମା ଅତିକ୍ରମ କରିବା ପାଇଁ ତାଙ୍କୁ ଓ ତାଙ୍କ ସାଥୀମାନଙ୍କୁ ୮ଘଣ୍ଟା ଲାଗିଥିଲା। ପୋଲାଣ୍ଡରେ ପହଞ୍ଚିବା ପରେ ସେମାନଙ୍କୁ ଭାରତୀୟ ଦୂତାବାସ ପକ୍ଷରୁ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ୩ ତାରିଖରେ ବିମାନ ଯୋଗେ ସେମାନେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ସ୍ୱଦେଶ ମାଟିରେ ୪ତାରିଖ ସନ୍ଧ୍ୟାରେ ପହଞ୍ଚିଥିଲେ। ୫ତାରିଖରେ ଭୁବନେଶ୍ୱର ଓ ସେଠାରୁ ପୁରୀରେ ଆସି ପହଞ୍ଚିଛନ୍ତି। ପରିବାର ଲୋକେ ଖୁସିରେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ ସୁରକ୍ଷିତ ଭାବରେ ଘରେ ପହଞ୍ଚିଥିବାରୁ ଖୁସି ପ୍ରକାଶ କରିବା ସହ ମହାପ୍ରଭୁ ଏବଂ ମାତାପିତାଙ୍କ ଆଶିଷ ଯୋଗୁ ନୂତନ ଜୀବନ ପାଇଛନ୍ତି ବୋଲି ସତ୍ୟଶ୍ରୀ କହିଛନ୍ତି। ସେହିପରି ପ୍ରେରଣା କହିଛନ୍ତି, ସେ ଖର୍କିଭ ମେଡିକାଲ ନ୍ୟାଶନାଲ ୟୁନିଭର୍ସିଟିର ପଞ୍ଚମ ବର୍ଷ ଛାତ୍ରୀ। ସେ ୭ଦିନ ପର୍ଯ୍ୟନ୍ତ ୟୁକ୍ରେନ୍‌ରେ ଫସି ରହିବା ପରେ ବହୁ କଷ୍ଟରେ ଆସି ପୋଲାଣ୍ଡରେ ପହଞ୍ଚିଥିଲେ। ଯୁଦ୍ଧ ସମୟରେ ସେ ଓ ତାଙ୍କ ସାଙ୍ଗମାନେ ପ୍ରଥମେ ଏକ ବଙ୍କରରେ ଲୁଚି ରହିଥିଲେ। ୨ଦିନ ପରେ ସେମାନଙ୍କୁ ମେଟ୍ରୋକୁ ପଠାଯାଇଥିଲା। ତେବେ ସେଠାରେ ଅଧିକ ସଂଖ୍ୟକ ଲୋକ ହେବାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଡ଼ୋଶୀ ଦେଶକୁ ଯିବା ପାଇଁ ବାହାରିଥିଲେ। ସେ ୪ ଘଣ୍ଟା ଚାଲି ଚାଲି ରେଳଷ୍ଟେଶନରେ ପହଞ୍ଚିଥିଲେ। ପରେ ଟ୍ରେନ୍‌ରେ ୧୦ ଘଣ୍ଟା ଠିଆ ହୋଇ ହଙ୍ଗେରୀ ଅଭିମୁଖେ ଯାଇଥିଲେ। ତେବେ ହଙ୍ଗେରୀ ରାସ୍ତା ବନ୍ଦ ଥିବାରୁ ସେଠାରୁ ପୋଲାଣ୍ଡ ଅଭିମୁଖେ ଯାଇଥିଲେ। ଏହି ସମୟରେ ୨ଦିନ ନ ଖାଇ ନ ପିଇ ବହୁ କଷ୍ଟରେ ପୋଲାଣ୍ଡ ସୀମାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ଭାରତୀୟ ଦୂତାବାସ ପକ୍ଷରୁ ସେମାନଙ୍କ ରହିବା ବ୍ୟବସ୍ଥା କରାଯିବା ସହ ଖାଇବାକୁ ଦିଆଯାଇଥିଲା। ସେଠାରୁ ଦିଲ୍ଲୀ ଅଭିମୁଖେ ଆସିଥିଲେ। ପରେ ରବିବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କ ପିତା, ଜେଜେବାପା ଇଂ ପ୍ରଭାତ କୁମାର ଓ ଜେଜେ ମା' ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କୁ ପାଖରେ ପାଇ ସମସ୍ତଙ୍କ ଆଖିରୁ ଖୁସିର ଲୁହ ଝରିପଡ଼ିଥିଲା। ଘରେ ପହଞ୍ଚିବା ପରେ ପ୍ରେରଣାଙ୍କୁ ତାଙ୍କ ମା' ବନ୍ଦାପନା କରି ପାଛୋଟି ନେଇଥିଲେ। ପୁରୀର ଚନ୍ଦ୍ରିକା ମିଶ୍ର ୫ବର୍ଷ ହେଲା ୟୁକ୍ରେନ୍‌ରେ ରହି ଡାକ୍ତରୀ ପାଠ ପଢୁଥିଲେ। ସେ ୩ଦିନ ଅଖିଆ ଅପିଆ ବହୁ କଷ୍ଟରେ ୩୦ଘଣ୍ଟାର ବସ୍‌ଯାତ୍ରା କରି ଏବେ ଆସି ରୋମାନିଆ ସୀମାରେ ରହିଛନ୍ତି। ସୋମବାର ରାତିରେ ସେ ଭାରତ ଫେରିବେ ବୋଲି ଜଣାପଡ଼ିଛି। ସୁରକ୍ଷିତ ଭାବେ ପୁରୀରେ ପହଞ୍ଚିବା ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଥିବା ତାଙ୍କ ମା' କହିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଏହି ଛାତ୍ରୀଛାତ୍ରଙ୍କ ଶୁଭ କାମନା କରିଛନ୍ତି।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ପୁରୀ ଅଫିସ, ୬।୩:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ତୁଳସୀ ଚଉରାର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର (୬୮) ଘରେ ଶୋଇଥିବା ବେଳେ ତାଙ୍କ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ନିମନ୍ତେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଆଉଟ୍ ଡୋରରେ ପ୍ରଫୁଲ୍ଲଙ୍କୁ ପ୍ରାଥମିକ ଚିକିତ୍ସା କରି ପୁରୁଷ ଭେଷଜ ବିଭାଗକୁ ପଠାଇଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ନ ଥିବାରୁ ସେବିକାମାନେ ଡାକ୍ତରଙ୍କୁ ଖବର ଦେଇଥିଲେ। ପ୍ରାୟ ୧ ଘଣ୍ଟା ବିତିଯାଇଥିଲେ ମଧ୍ୟ ଡାକ୍ତର ପହଞ୍ଚି ନ ଥିଲେ। ଫଳରେ ପ୍ରଫୁଲ୍ଲ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ଶେଷରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କେନାଲ ପାଲଟିଛି ଡଷ୍ଟବିନ୍

କଣାସ, ୬।୩(ସ୍ୱ.ପ୍ର.):

ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କେନାଲ ନିର୍ମାଣ କରିଛନ୍ତି। ସଚେତନତା ଅଭାବରୁ ପୁରୀ ଜିଲା କଣାସ ଅଞ୍ଚଳରେ ଥିବା କେତେକ କେନାଲ ଡଷ୍ଟବିନ୍ ପାଲଟିଥିବା ଦେଖିବାକୁ ମିଳିଛି। କଣାସ ମୁଖ୍ୟ କେନାଲ ଓ ଏହାର ଶାଖା କେନାଲରେ ଆଖପାଖ ଘର ଏବଂ ବଜାରର ଦୋକାନୀମାନେ ଅଳିଆ, ଆବର୍ଜନା ବାହାରେ ନ ପକାଇ କେନାଲରେ ପକାଉଛନ୍ତି। ଫଳରେ କେନାଲଗୁଡ଼ିକ ପୋତି ହେବା ସହ ଜଳ ପ୍ରବାହିତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶୁଭାଶୀର୍ବାଦ ଦିବସରେ ସୁନ୍ଦରାକାଣ୍ଡ

ପୁରୀ ଅଫିସ, ୬।୩:

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶୁଭାଶୀର୍ବାଦ ଦିବସ ଅବସରରେ ସୁନ୍ଦରାକାଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ, ପରିଚାଳନା ସମିତି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶୁଭ ମନାସି ଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କ ଉଚ୍ଚତର ଶିକ୍ଷା ଗ୍ରହଣ ପାଇଁ ମାର୍ଗ ଦର୍ଶନ କରିଥିଲେ। ପିଲାମାନେ ଉକ୍ତ ବିଦ୍ୟାଳୟ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟକୁ ଯାଇ ଶୈକ୍ଷିକ ବାତାବରଣ ଅନୁଧ୍ୟାନ କରିଥିଲେ। ଶିକ୍ଷା ବିକାଶ ସମିତିର ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ପରିଚାଳନା ସମିତି ସଭାପତି ଅଭିମନ୍ୟୁ ଭୂୟାଁ, ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।




ପୁରୀସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ତରଫରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

## ସ୍ୱର୍ଣ୍ଣିମ ଭାରତ ନିର୍ମାଣର ପ୍ରକୃତ କର୍ଣ୍ଣଧାର ମହିଳା

ପୁରୀ ଅଫିସ, ୬।୩:

ବିଶ୍ୱ ମହିଳା ଦିବସ ଉପଲକ୍ଷେ ରବିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଳିଆପଣ୍ଡାସ୍ଥିତ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ତରଫରୁ ଓଁ ଶାନ୍ତି ଅଡିଟୋରିୟମରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ମହିଳା ସ୍ୱର୍ଣ୍ଣିମ ଭାରତ ନିର୍ମାଣର ପ୍ରକୃତ କର୍ଣ୍ଣଧାର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ ହସ୍ପିଟାଲର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ମା' ଶିକ୍ଷାଦାତ୍ରୀ ଓ ପାଳନକର୍ତ୍ତା। ବହୁବିଧ ଭୂମିକାରେ ଅଭିନୟ କରୁଥିବା ପରମେଶ୍ୱର ପରମାତ୍ମାଙ୍କର ଏକ ବିଚିତ୍ର ସୃଷ୍ଟି। ସେ ଅତୁଳନୀୟ ବନ୍ଦନୀୟ ସ୍ନେହର ଅବତାର। ନାରୀ ସଶକ୍ତୀକରଣ ପାଇଁ ବେଟି ପଢାଅ ଓ ବେଟି ବଞ୍ଚାଅ ସ୍ଲୋଗାନ ପ୍ରକୃତ ଭିତ୍ତିଭୂମି ହିଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ। ସମ୍ମାନିତ ଅତିଥି ଭାବେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ମଧୁସ୍ମିତା ଦାଶ, ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର ଚାନ୍‌ସେଲର ପ୍ରଫେସର ପ୍ରଫୁଲ କୁମାର ମିଶ୍ର, କିଟ୍‌ସ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭିକାରୀ ଚରଣ ଗୁରୁ, କୃଷି ବିଭାଗର ଅତିରିକ୍ତ ସଚିବ ରାମଚନ୍ଦ୍ର ଜେନା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପ୍ରଫେସର ଶରତ ଚନ୍ଦ୍ର ବେଉରା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ତମାଳ ପଟ୍ଟନାୟକ, ଡାକ୍ତର ବିଚିତ୍ରାନନ୍ଦ ବେହେରା, ବିଷ୍ଣୁପ୍ରିୟା ଜେମା ଏବଂ ପରେଶ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନାରୀ ସଶକ୍ତୀକରଣ, ନାରୀ ଶିକ୍ଷା, ନାରୀ ଓ ପୁରୁଷ ମଧ୍ୟରେ ବିଭେଦ ହୀନ ଚେତନା, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଚିତ୍ର, ଚରିତ୍ର ସମ୍ବନ୍ଧରେ ବହୁ ଅନୁଭୂତି ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମହିଳା ବିଭାଗର ରାଷ୍ଟ୍ରୀୟ ଅଧ୍ୟକ୍ଷା ରାଜଯୋଗିନୀ ବ୍ରହ୍ମାକୁମାରୀ ଚକ୍ରଧାରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟରେ ସ୍ୱର୍ଣ୍ଣିମ ଭାରତ ନିର୍ମାଣର ପ୍ରକୃତ କର୍ଣ୍ଣଧାର ବୋଲି କହିଥିଲେ। ସାଧନାକେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ନିରୁପମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମାକୁମାର ଡ଼ା. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ସସ୍ମିତା ବରାଳ ଏବଂ ଜିଲା ନୋଟାରି ପବ୍ଲିକ୍ ଆସୋସିଏଶନ୍‌ର ସଭାପତି ଗୁଣ୍ଡିଚା ବରାଳଙ୍କ ଅନ୍ତରାଗର ଜୀବନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗୀତିକାର ପ୍ରଣବ କୁମାର ବରାଳ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା: ଜେଲ ଗଲେ ସ୍ୱାମୀ, ଶ୍ୱଶୁର

ଗୋପ, ୬।୩(ଡି.ଏନ୍.ଏ.):

ଗୋପ ଥାନା ଅନ୍ତର୍ଗତ ଶଙ୍ଖାରିଆ ଗ୍ରାମରେ ଯୌତୁକ ଟଙ୍କା ପାଇଁ ଜଣେ ମହିଳାଙ୍କୁ ବିଷ ପିଆଇ ମାରିଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟା ମହାନ୍ତି। ମୃତାଙ୍କ ମା' ଭାରତୀ ମହାନ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୭୮/୨୨)ରୁଜୁକରି ମୃତାଙ୍କ ସ୍ୱାମୀ ଚିନ୍ମୟ ବାରିକ ଓ ଶ୍ୱଶୁର ଭାସ୍କର ବାରିକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ ଚିନ୍ମୟ ୮ମାସ ପୂର୍ବେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟାଙ୍କୁ ଭଲପାଇ କେଉଁଆଡେ ନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ନିଆଳି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ କିଛିଦିନ ପରେ ଚିନ୍ମୟ ବିବାହ କରି ବନ୍ୟାଙ୍କୁ ଗାଁକୁ ଆଣିଥିଲେ। ତେବେ ଯୌତୁକ ଟଙ୍କା ଆଣିବାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଫେବୃୟାରୀ ୨୩ରେ ଚିନ୍ମୟ ଭଉଣୀଙ୍କ ବିବାହ ଥିବାରୁ ଟଙ୍କାକୁ ନେଇ ବିବାଦ ହୋଇଥିଲା। ବିବାହ ପରେ ପୁନର୍ବାର ଯୌତୁକ ଟଙ୍କା ଆଣିବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ବନ୍ୟା ଅରାଜି ହେବାରୁ ଚିନ୍ମୟ ତାଙ୍କୁ ଗାଳିଗୁଲଜ କରିଥିଲେ। ବନ୍ୟା ୩ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ବନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଯୌତୁକ ଟଙ୍କା ଆଣିବା ପାଇଁ ବନ୍ୟାଙ୍କୁ ଶାଶୁଘର ଲୋକେ ମାଡ଼ ମାରିବା ସହ ବିଷ ପିଆଇ ମାରିଦେଇଛନ୍ତି ବୋଲି ମା' ଭାରତୀ ଗୋପ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଭାସ୍କର ମାଣିଆ କଟକ ବଡ଼ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲେ।

## ମହିଳା ଚିତ୍ରକଳା ଶିବିର ଉଦ୍‌ଯାପିତ

ପୁରୀ ଅଫିସ,୬।୩:

ପୁରୀ ସଂସ୍କୃତି ଭବନରେ ଚାଲିଥିବା ମହିଳା ଚିତ୍ରକଳା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଲଳିତ କଳା ଏକାଡେମୀ ଓ ପୁରୀ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୦ ଜଣ ମହିଳା ଚିତ୍ରଶିଳ୍ପୀ ଏଥିରେ ଭାଗ ନେଇଥିବା ବେଳେ ୮ ତାରିଖରେ ଭୁବନେଶ୍ୱର କଳିଙ୍ଗ ଆର୍ଟରେ ଏହା ପ୍ରଦର୍ଶିତ ହେବ। ଶିବିରରେ ଯୋଗ ଦେଇଥିବା ଚିତ୍ରଶିଳ୍ପୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ସତ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## କବିତା, ଲିପ୍‌ସା ପୌରାଧ୍ୟକ୍ଷା ପ୍ରାର୍ଥୀ

କୋଣାର୍କ, ୬।୩(ଡି.ଏନ୍.ଏ.):

ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ରବିବାର କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟରେ ୭ଜଣ କାଉନସିଲର ଓ ୨ଜଣ ଅଧ୍ୟକ୍ଷା ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବହୁଜନ ସମାଜବାଦୀ ପାର୍ଟିରୁ କବିତା ଓଝା ଓ ସ୍ୱାଧୀନ ଭାବେ ଲିପ୍‌ସା ବେହେରା ଅଧ୍ୟକ୍ଷା ପଦ ନିମନ୍ତେ ନିର୍ବାଚନ ଅଧିକାରୀ ଏସ୍.କେ.ସାଗିରଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଏନ୍‌ଏସିର ୩ନଂ. ୱାର୍ଡ ନିମନ୍ତେ ପ୍ରଦୀପ୍ତ କୁମାର ଚାନ୍ଦ, ୬ନଂ. ୱାର୍ଡରୁ ଦିଲୀପ କାଣ୍ତି, ୧୦ନଂ. ୱାର୍ଡରୁ ଜୁଲି ଗୋଛାୟତ, ୧୧ନଂ. ୱାର୍ଡରୁ ଚାରୁଲତା ଛାଟୋଇ, ୧୨ନଂ. ୱାର୍ଡରୁ ଅନିତା ସେଠୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାଜପାରୁ ଜଣେ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନ ଭାବେ ଖବରଦାତା ବିଚିତ୍ର ଓଝା ୯ନଂ. ୱାର୍ଡରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ବହୁଜନ ସମାଜ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ଯାଦବ, ବିଭୂତି ଭୂଷଣ ମାଝୀ, ବିରଞ୍ଚି ନାରାୟଣ ନାୟକଙ୍କ ସମେତ ସଙ୍ଗଠନର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ସ୍ୱାଧୀନ ପ୍ରାର୍ଥୀ ଦେବାଶିଷ, କଂଗ୍ରେସରୁ ଗୁଣନିଧି

### ପିପିଲି ଏନ୍‌ଏସି ଅଧ୍ୟକ୍ଷ ପଦ

ପିପିଲି, ୬।୩(ଡି.ଏନ୍.ଏ/ସ୍ୱ.ପ୍ର.):



ନାମାଙ୍କନର ପଞ୍ଚମ ଦିନରେ ରବିବାର ପିପିଲି ଏନ୍‌ଏସିରେ ଜଣେ ଅଧ୍ୟକ୍ଷ ପ୍ରାର୍ଥୀ ଏବଂ ୧୦ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ ପିପିଲି ଏନ୍‌ଏସି କାର୍ଯ୍ୟାଳୟକୁ ଆସି ନିର୍ବାଚନ ଅଧିକାରୀ ଜିତେନ୍ଦ୍ର ପଣ୍ଡାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଅଧ୍ୟକ୍ଷ ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପିପିଲି ଏନ୍‌ଏସିର ପୂର୍ବତନ ଭାଜପା ମଣ୍ଡଳ ସଭାପତି ଦେବାଶିଷ ଦୀକ୍ଷିତ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। ଏହି ଅବସରରେ ତାଙ୍କ ସମର୍ଥକଙ୍କ ସମେତ ସାମାଜିକ କର୍ମୀ ରାଧାମୋହନ ଉପସ୍ଥିତ ରହିବା ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ୧୦ନଂ ୱାର୍ଡରୁ ବିଜୟଲକ୍ଷ୍ମୀ ବାରିକ, ୧୧ନଂ.ରୁ ସୁଲୋଚନା ଦୀକ୍ଷିତ, ୧୩ନଂ.ରୁ ରୋଜାଲିନ ପରିଡ଼ା, ୧ନଂ.ରୁ ସବିତା ମଲ୍ଲିକ, ୧୨ନଂ.ରୁ ମିନତି ରାଉତ, ୧୩ନଂ ୱାର୍ଡରୁ ସଦାଶିବ ପରିଡ଼ା ସ୍ୱାଧୀନ ପ୍ରାର୍ଥୀ ଭାବେ କାଉନସିଲର ପଦ ପାଇଁ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବିଜେଡିରୁ ୧୬ନଂ ୱାର୍ଡରୁ ଗୋବର୍ଦ୍ଧନ ମହାନ୍ତି, ୧୨ନଂ ୱାର୍ଡରୁ ରଞ୍ଜୁଲ୍ତା ବରାଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସରୁ ୧୧ନଂ ୱାର୍ଡରୁ ମାନସ ବେହେରା, ୧୨ନଂ ୱାର୍ଡରୁ ସସ୍ମିତା ଦାସ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ପଣ୍ଡା କହିଛନ୍ତି। ସେହିପରି ଏନ୍‌ଏସି ଅଧ୍ୟକ୍ଷ ପଦ ପାଇଁ କଂଗ୍ରେସର ଗୁଣନିଧି ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି କାଉନସିଲର ଭାବେ ୧ନଂ ୱାର୍ଡରୁ ମଧୁସ୍ମିତା ବାରିକ, ୨ନଂ ୱାର୍ଡରୁ ସେକ ମେହେବୁବ, ୩ନଂ ୱାର୍ଡରୁ ସୁଶୀଲ କୁମାର ନାୟକ, ୪ନଂ ୱାର୍ଡରୁ ସଲିମା ବିବି, ୫ନଂ ୱାର୍ଡରୁ ମେହେବୁବ ଆଲାମ, ୬ନଂ ୱାର୍ଡରୁ ରସିଦା ପରବିନ, ୯ନଂ ୱାର୍ଡରୁ ସେକ୍ ହାସନ ରାଜା ଶୋଭାଯାତ୍ରାରେ ଯାଇ ଏନ୍‌ଏସି କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଶୋଭାଯାତ୍ରାରେ କଂଗ୍ରେସ ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ର, ବରିଷ୍ଠ ନେତା ବିଶ୍ୱକେଶନ ହରିଚନ୍ଦନ ଏବଂ ପୁରୀ ଜିଲା ସମ୍ପାଦିକା ନିରୁପମା ପାତ୍ର ପ୍ରମୁଖ ସାମିଲ ଥିଲେ।

## ପଞ୍ଚମ ଦିନରେ ୯ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ନିମାପଡ଼ା, ୬।୩(ଡି.ଏନ୍.ଏ.):

ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଛି। ନିର୍ବାଚନ ପାଇଁ ନିମାପଡ଼ା ଏନ୍‌ଏସିର ୧୧ ୱାର୍ଡରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ରବିବାର ପ୍ରାର୍ଥୀପତ୍ର ଦାଖଲର ପଞ୍ଚମ ଦିବସରେ ୧୧ନଂ. ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ଅନସୂୟା ପାଣି, ୨ନଂ.ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ଲିଲିବାଳା ବିଶ୍ୱାଳ, ୯ନଂ.ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥୀ ଶାନ୍ତିଲତା ବଡ଼ିଆ, ୬ନଂ.ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ଶକୁନ୍ତଳା ବେହେରା, ୧ନଂ.ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ପ୍ରଣୟିନୀ ମିଶ୍ର, ୮ନଂ.ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ମିତା ପଟ୍ଟନାୟକ, ୭ନଂ. ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ସତ୍ୟାଶିଷ ଦାସ, ୫ନଂ.ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ଟିକିନା ବେହେରା, ୧୦ନଂ.ୱାର୍ଡର ଭାଜପା କାଉନସିଲର ପ୍ରାର୍ଥୀ ରଞ୍ଜିତା ପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପର୍ଯ୍ୟବେକ୍ଷକ ଜ୍ୟୋତିରଞ୍ଜନ ପ୍ରଧାନ ନିମାପଡ଼ା ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ତଦାରଖ କରିଥିବା ବେଳେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ସହ ଆଲୋଚନା କରିଥିଲେ।

## ଅନସାରୁଲ୍ଲା ଅହମ୍ମଦିୟାର ବିଭିନ୍ନ ପ୍ରତିଯୋଗିତା

ତିଗିରିଆ,(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳର ଅନସାରୁଲ୍ଲା(ଚାଳିଶରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି)ଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ରବିବାର ଭେଜିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା, ସାଧାରଣ ଜ୍ଞାନ ଓ ଧର୍ମ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଜମାତ ଅହମ୍ମଦିୟା ପଙ୍କାଳର ସଭାପତି ରୋଶନ ଖାଁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ଜମାତ ଅହମ୍ମଦିୟା ମୌଲାନା ହଲିମ ଅହମ୍ମଦ, ମୌଲାନା କରାମତ ଅହମ୍ମଦ, ମୌଲାନା ତୟବ ଅହମ୍ମଦ, ମୌଲାନା ମେରାଜ ଅଲ୍ଲୀ, ମୌଲାନା ସେ.କ. ସମସୁଲ, ପଙ୍କାଳ ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଫର୍ଜନ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ୧୧୯ ମୋବାଇଲ ଫେରାଇଲା ପୋଲିସ

### ଜବତ ସାମଗ୍ରୀ ବଣ୍ଟନ ମେଳା

କଟକ ଅଫିସ,୬।୩: କଟକ କମିଶନରେଟ ପୋଲିସ ପକ୍ଷରୁ ରବିବାର ଡିସିପିଙ୍କ କାର୍ଯ୍ୟାଳୟ ପରିସରରେ ଜବତ ହୋଇଥିବା ସାମଗ୍ରୀ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ଡିସିପି ପ୍ରତୀକ୍ ସିଂ ଯୋଗଦେଇ ଚୋରି ହୋଇଥିବା ୧୧୯ ମୋବାଇଲ ଓ ୨ଟି ଲାପ୍‌ଟପ୍‌କୁ ଲୋକମାନଙ୍କୁ ଫେରାଇଥିଲେ। ଦୀର୍ଘ ଦିନ ହେବ ସହରରେ ଆତଙ୍କ ଖେଳାଇଥିବା ମୋବାଇଲ ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ଲୁଟ୍ ସାମଗ୍ରୀ ଜବତ କରିଥିଲା। ଏହି ମୋବାଇଲ ଓ ଲାପ୍‌ଟପ୍ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିଲା। ଏହି ଅବସରରେ ଡିସିପି କହିଛନ୍ତି, ଲୁଟେରାମାନେ ଯେଉଠି ଥିଲେ ବି ପୋଲିସ ଗିରଫ କରିବ। ବର୍ଷକ ମଧରେ ପାଖାପାଖି ୨୨୦୦ ମୋବାଇଲ ପୋଲିସ ଜବତ କରିଥିବା ସେ କହିଛନ୍ତି।

## କ୍ରିକେଟ: ଜାଗୁଲାଇ ସୁପର କିଙ୍ଗ୍ ଚାମ୍ପିୟନ

ଫୁଲନଖରା,୬।୩(ଡି.ଏନ୍.ଏ.): ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମ ଖେଳପଡିଆରେ ଜାଗୁଲାଇ ଯୁବକ ସଂଘ ଆନୁକୂଲ୍ୟରେ ୨ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ଟି ଟିମ୍ ଭାଗ ନେଇଥିବାବେଳେ ୧୦ଟି ମ୍ୟାଚ୍ ହୋଇଥିଲା। ପ୍ରତି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହୋଇଥିବାବେଳେ ଫାଇନାଲ ମ୍ୟାଚ୍ ୫ ଓଭର ଲେଖାଏ ଖେଳ ହୋଇଥିଲା। ଫାଇନାଲ ମ୍ୟାଚ୍ ଲକ୍ଷେଶ୍ୱର ବୁଲ୍ସ ଓ ଜାଗୁଲାଇ ସୁପର କିଙ୍ଗ୍ ମଧରେ ହୋଇଥିଲା। ପ୍ରଥମେ ଜାଗୁଲାଇ ସୁପର କିଙ୍ଗ୍ ବ୍ୟାଟିଂ କରି ୫ ଓଭରରେ ୪ ଉଇକେଟ ହରାଇ ୫୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଲକ୍ଷେଶ୍ୱର ବୁଲ୍ସ ୫ ଓଭରରେ ୮ ଉଇକେଟ ହରାଇ ୩୮ ରନ୍ କରିଥିଲା। କ୍ଷୀରୋଦ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ତୁଷାର ମହାନ୍ତି ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ସାହୁ, ଭି ଗାର୍ଡ କମ୍ପାନୀର ଭୁବନେଶର ମୁଖ୍ୟ ସୁମନ୍ତ କୁମାର ପ୍ରଧାନ, ବିଶ୍ୱରଞ୍ଜନ ପଟ୍ଟନାୟକ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୧ ଲକ୍ଷ ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ୭୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଜାଗୁଲାଇ ଯୁବକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ ଓ ରଶ୍ମିରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ।





ବିଜେଡି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାକୁ ରବିବାର ଶୋଭାଯାତ୍ରାରେ ସିଏମ୍‌ସି ବିଜୁ ଭବନକୁ ଯାଉଛନ୍ତି।

# ପଞ୍ଚମ ଦିନରେ ୧୧୪ ପ୍ରାର୍ଥୀପତ୍ର ଦାଖଲ

କଟକ ଅଫିସ, ୬।୩

ପୌର ନିର୍ବାଚନ ପାଇଁ ସରଗରମ ହୋଇଛି କଟକ ସହର। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି। ତେଣୁ ରବିବାର ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁ ଭବନ ଓ ଏହା ନିକଟ କଲ୍ୟାଣ ମଣ୍ଡପରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିପାଇଁ ସିଏମ୍‌ସିର ବିଜୁ ଭବନ ନିକଟରେ ଗହଳି ଦେଖିବାକୁ ମିଳିଥିଲା। ରବିବାର ପଞ୍ଚମ ଦିନରେ ୧୧୪ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡିରୁ ୨୨, ଭାଜପାରୁ ୨୮, କଂଗ୍ରେସରୁ ୩୮, ସିପିଆଇରୁ ଜଣେ, ସିପିଆଇ(ଏମ୍)୨, ବିଏସ୍‌ପିରୁ ୨ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ୨୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



ଭାଜପା ପ୍ରାର୍ଥୀ ସୁପ୍ରୀତି ଦାସ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ଏଥିସହ ମେୟର ପାଇଁ କଂଗ୍ରେସର ଗିରିବାଳା ବେହେରା, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଶୁଭ୍ରାକାନ୍ତ ଭୋମେ, ସ୍ୱାଧୀନ ପ୍ରାର୍ଥୀ ଭାବରେ ଓମ୍‌ପ୍ରକାଶ ପଣ୍ଡା, ସଞ୍ଜୀତ ସାମଲ ଓ ବିକାଶ କୁମାର ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କର୍ପୋରେଟର ପାଇଁ ୩୮ ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ତନୁଶ୍ରୀ ବେହେରା, ଭାଜପା ପକ୍ଷରୁ ୧୨ ନଂ. ୱାର୍ଡରୁ ସୁପ୍ରୀତି ଦାସ, ୧ ନଂ. ୱାର୍ଡରୁ ଜାନକୀ ବେହେରା, ୨୦ ନଂ. ୱାର୍ଡରୁ ଲକ୍ଷ୍ମୀଧର ବେହେରା, ୬ ନଂ. ୱାର୍ଡରୁ ସ୍ୱାତି ଅରୁନ୍ଧତୀ ମାଝି, ୨ ନଂ. ୱାର୍ଡରୁ କଳ୍ପନା ବେହେରା, ୨୮ ନଂ. ୱାର୍ଡରୁ ଅଳକା ମହାନ୍ତି, ୨୯ ନଂ. ୱାର୍ଡରୁ ମାନିନି ରାଉତ, ୨୫ ନଂ. ୱାର୍ଡରୁ କରନେଲ ସରତାର, ୭ ନଂ. ୱାର୍ଡରୁ ସ୍ନେହା ମଞ୍ଜରୀ ମହାନ୍ତି ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ୧୩ ନଂ. ୱାର୍ଡରୁ ପ୍ରଦୀପ କୁମାର ଦ୍ୱିବେଦୀ, ୧୯ ନଂ. ୱାର୍ଡରୁ ଚାରୁଲତା ସାହୁ, ୬ ନଂ. ୱାର୍ଡରୁ ଟିନା ବେହେରା, ୧୮ ନଂ. ୱାର୍ଡରୁ ଲିୟାକତ୍ ଉଦ୍ଦିନ ଅହମ୍ମଦ, ୩୨ ନଂ. ୱାର୍ଡରୁ ଧୀରେନ୍ଦ୍ର ସେଠୀ, ୧୫ ନଂ. ୱାର୍ଡରୁ ଲିଜାରାଣୀ ରାଉତ, ୧୨ନଂ. ୱାର୍ଡରୁ ଶ୍ରୀମୟୀ ଜେନା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ୨୧ ନଂ. ୱାର୍ଡରୁ ଅଶୋକ ଶର୍ମା, ୩୬ନଂ. ୱାର୍ଡରୁ ମଧୁସ୍ମିତା ବାରିକ, ୬ ନଂ. ୱାର୍ଡରୁ ରୀତାଞ୍ଜଳି ବେହେରା, ୧୯ ନଂ. ୱାର୍ଡରୁ କୁରେସା ନୁର, ୨୪ ନଂ. ୱାର୍ଡରୁ ସବିତା ବେହେରା, ୫ନଂ. ୱାର୍ଡରୁ ସୁନୀକତା ରାଉତ, ୯ ନଂ. ୱାର୍ଡରୁ ସ୍ମୃତି ରଞ୍ଜନ ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ ପ୍ରାର୍ଥୀପତ୍ର କିଣିବା ପାଇଁ ସମର୍ଥକଙ୍କ ସହିତ ଯାଉଛନ୍ତି।

## ଆଜି ନାମାଙ୍କନ ପତ୍ର ଦାଖଲ କରିବେ ଶ୍ରୀତମ, ସୁବାସ

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଭାଜପା ମେୟର ପାଇଁ ଅଭିନେତା ଶ୍ରୀତମ ଦାସଙ୍କ ନାମ ଘୋଷଣା କରିଛି। ପରେ ଶ୍ରୀତମ ଦଳୀୟ ସମର୍ଥକଙ୍କ ସହିତ ଯାଇ କଟକ ଶହୀଦ ଭବନରୁ ପ୍ରାର୍ଥୀପତ୍ର କିଣିଛନ୍ତି। ଅପରପକ୍ଷରେ ଶନିବାର ବିଜେଡି ପକ୍ଷରୁ ସୁବାସ ସିଂ ନାମ ମେୟର ପାଇଁ ଘୋଷଣା କରାଯାଇଥିଲା। ସୋମବାର ଶେଷଦିନରେ ସୁବାସ ଓ ଶ୍ରୀତମ ନାମାଙ୍କନ ପତ୍ର ଦାଖଲ କରିବେ।



ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଥିବା କର୍ପୋରେଟର ପ୍ରାର୍ଥୀ ତନୁଶ୍ରୀ ବେହେରା।

## ୱାର୍ଡବାସୀଙ୍କ ପାଇଁ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି

ଚଳିତବର୍ଷ ସ୍ୱାଧୀନ ଭାବେ ନିର୍ବାଚନ ଲଢିବା ପାଇଁ ଅନେକେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧରେ ରହିଛନ୍ତି ୩୮ନଂ. ୱାର୍ଡର କର୍ପୋରେଟର ପ୍ରାର୍ଥୀ ତନୁଶ୍ରୀ ବେହେରା। ସେ ଜଣେ କିନ୍ନର। ସମାଜରେ ନିଜ ହକ୍ ପାଇଁ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ସେ କଟକ ଜିଲା କିନ୍ନର ସଂଘର ସଭାପତି ଅଛନ୍ତି। କିନ୍ନରମାନଙ୍କୁ ସମାଜରେ ଉପଯୁକ୍ତ ସ୍ଥାନ ଦେବା, ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ହେବା ଓ ୱାର୍ଡରେ ଥିବା ପ୍ରତ୍ୟେକ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ଲୋକଙ୍କ ସେବା କରିବା ମୂଳ ଲକ୍ଷ୍ୟ

ଚଳିତବର୍ଷ ସର୍ବ କନିଷ୍ଠ ମେୟର ପ୍ରାର୍ଥୀ ଭାବରେ ଓମ୍‌ପ୍ରକାଶ ପଣ୍ଡା(୨୧) ରବିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଛାତ୍ର ରାଜନୀତି ସହ ଦୀର୍ଘ ଦିନହେବ ଜଡିତ ରହିଛି। ହଜାର ବର୍ଷର ସହର କଟକ ପାଇଁ କିଛି କରିବା ଆଶାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ରାଜନୀତି ନୁହେଁ ଲୋକଙ୍କୁ ସେବା କରିବା ମୋର ମୂଳ ଲକ୍ଷ ରହିଛି।

## ବିକ୍ରି ହୋଇଛି ୬୭୦ ଫର୍ମ

ପୌର ନିର୍ବଚନ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୬୭୦ଟି ଫର୍ମ ବିକ୍ରି ହୋଇଛି। ପଞ୍ଚମ ଦିନ ଅର୍ଥାତ୍ ରବିବାର କର୍ପୋରେଟର ପାଇଁ ୩୦ ଓ ମେୟର ପାଇଁ ୭ ଟି ଫର୍ମ ବିକ୍ରି ହୋଇଛି। ସେହିପରି ପ୍ରଥମ ଦିନରେ ୨୮୪, ଦ୍ୱିତୀୟ ଦିନରେ ୧୮୩, ତୃତୀୟ ଦିନରେ ୧୧୩, ଚତୁର୍ଥଦିନରେ ୫୩ ଫର୍ମ କର୍ପୋରେଟର ଓ ମେୟର ପାଇଁ ବିକ୍ରି ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୪୩ଟି ଫର୍ମ ସିଏମ୍‌ସି ନିକଟରେ ଦାଖଲ ହୋଇଛି।

## ସହରର ଜଳବନ୍ଦୀ ସମସ୍ୟା ସମାଧାନ ହେବ



କଂଗ୍ରେସର ମେୟର ପ୍ରାର୍ଥୀ ଗିରିବାଳା ବେହେରା ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଚଳିତବର୍ଷ ପ୍ରଥମ ଥର ପାଇଁ ମେୟର ଲାଗି ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ କଂଗ୍ରେସର ମେୟର ପ୍ରାର୍ଥୀ ଗିରିବାଳା ବେହେରା ରବିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ମୁଁ ମେୟର ପ୍ରାର୍ଥୀ ହୋଇଥିବାରୁ ସହରବାସୀ ଶୁଭେଚ୍ଛା ଜଣାଉଛନ୍ତି। ବିଗତ ଦିନରେ ସହରର ଜନସାଧାରଣଙ୍କ ପାଇଁ ଲଢେଇ କରିଛି। ସହରରେ ରହିଥିବା ଅନେକ ସମସ୍ୟାର ସମାଧାନ କରାଯିବ। ବିଶେଷକରି ଜଳବନ୍ଦୀ ସମସ୍ୟା ଶୀଘ୍ର ସମାଧାନ ହେବ।

## ୭ ଭାଜପା, ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଆଠଗଡ଼,(ସ୍ୱ.ପ୍ର.): ପୌର ନିର୍ବାଚନ ପାଇଁ ରବିବାର ୬୦ ଜଣ ପ୍ରାର୍ଥୀପତ୍ର କିଣିଥିବା ବେଳେ ୮ ଜଣ କାଉନ୍‌ସିଲର ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିକ୍ରି ହୋଇଥିବା ଫର୍ମଗୁଡ଼ିକ ମଧରେ ଅଧ୍ୟକ୍ଷ ପଦ ନିମନ୍ତେ ୭ ଜଣ ରହିଛନ୍ତି। ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ସ୍ୱାଧୀନ ଥିବାବେଳେ ଅନ୍ୟମାନେ ଭାଜପା ପ୍ରାର୍ଥୀ ବୋଲି ନିର୍ବାଚନ ଅଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି। ୬ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀଭାବେ ରଞ୍ଜିତା ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଭାଜପା ପକ୍ଷରୁ ୩ ନମ୍ବର ୱାର୍ଡ ପାଇଁ ପ୍ରଦୀପ ମହାପାତ୍ର, ୫ନଂ. ପାଇଁ ପ୍ରିୟଦର୍ଶିନୀ ପଟ୍ଟନାୟକ,୧୨ ନଂ.ରେ ପୁଷ୍ପଲତା ସାହୁ, ୧୧ରେ ସୁନୀତା ପଣ୍ଡା, ୧୭ରେ ବଂଶୀଧର ପ୍ରଧାନ,୧୦ରେ ବିଚିତ୍ରାନନ୍ଦ ଦଳେଇ ଏବଂ ୯ନଂ.ରେ ଅଜୟ କୁମାର ନାଏକ ନାମାଙ୍କନପତ୍ର ଦାଖଲ କରିଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ପାଲା ମହୋତ୍ସବରେ ପାଲାଗାୟକ ନାରାୟଣ ମହାରଣାଙ୍କୁ ଉତ୍କଳ ଗାୟକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

# ଯୌତୁକ ପାଇଁ ମହିଳାଙ୍କୁ ମାରିଦେଲେ

ଗୋପ,୬।୩(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ଶଙ୍ଖାରିଆ ଗ୍ରାମରେ ଯୌତୁକ ଟଙ୍କା ପାଇଁ ଜଣେ ମହିଳାଙ୍କୁ ବିଷ ପିଆଇ ମାରିଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟା ମହାନ୍ତି। ମୃତାଙ୍କ ମା' ଭାରତୀ ମହାନ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୭୮/୨୨)ରୁଜୁକରି ମୃତାଙ୍କ ସ୍ୱାମୀ ଚିନ୍ମୟ ବାରିକ ଓ ଶ୍ୱଶୁର ଭାସ୍କର ବାରିକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଚିନ୍ମୟ ୮ମାସ ପୂର୍ବେ ନିଆଳି ଥାନା ଅନ୍ତର୍ଗତ କରାଙ୍ଗ ଗ୍ରାମର ବନ୍ୟାଙ୍କୁ ଭଲପାଇ କେଉଁଆଡେ ନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ନିଆଳି ଥାନାରେ ମାମଲା ରୁଜୁ ହୋଇଥିଲା। କିଛିଦିନ ପରେ ଚିନ୍ମୟ ବିବାହ କରି ବନ୍ୟାଙ୍କୁ ଗାଁକୁ ଆଣିଥିଲେ। ତେବେ ଯୌତୁକ ଟଙ୍କା ଆଣିବାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହେଉଥିଲା। ଏଥିରେ ବନ୍ୟା ଅରାଜି ହେବାରୁ ଚିନ୍ମୟ ତାଙ୍କୁ ଗାଳିଗୁଲଜ କରିଥିଲେ। ବନ୍ୟା ୩ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ବନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଯୌତୁକ ଟଙ୍କା ଆଣିବା ପାଇଁ ବନ୍ୟାଙ୍କୁ ଶାଶୁଘର ଲୋକେ ମାଡ଼ ମାରିବା ସହ ବିଷ ପିଆଇ ମାରିଦେଇଛନ୍ତି ବୋଲି ମା' ଭାରତୀ ଗୋପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା।

# ଫାର୍ମାସ୍ୟୁଟିକାଲ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ ହେବ

କଟକ ଅଫିସ,୬।୩

### ଫାର୍ମାସ୍ୟୁଟିକାଲ ଏମ୍ପ୍ଲଇଜ ୟୁନିୟନର ବାର୍ଷିକ ସମ୍ମିଳନୀ

ଫାର୍ମାସ୍ୟୁଟିକାଲ ଏମ୍ପ୍ଲଇଜ ୟୁନିୟନର ୩୧ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଟାଉନହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯୁଧିଷ୍ଠିର ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଓଡ଼ିଶା ସେଲ୍ସ ଏକ୍‌ଜିକ୍ୟୁଟିଭ ଆସୋସିଏଶନର ସାଧାରଣ ସମ୍ପାଦକ ରାଣା ଚାଟାର୍ଜୀ, କନଷ୍ଟ୍ରକସନ ମଜଦୁର ସଂଘ ଓଡ଼ିଶାର ସଭାପତି ନୃସିଂହ ଚରଣ ମିଶ୍ର, ଏନ୍‌ଏଫ୍‌ଆଇଟିୟୁର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ, ବସ୍ତିବାସିନ୍ଦା ମିଳିତ ମଞ୍ଚ ରାଜ୍ୟ ଆବାହକ ଖଗେଶ୍ୱର ସେଠୀ, ଆଇନଜୀବୀ କବିର କୁମାର ଜେନା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଜୟନ୍ତ ରାୟ ବାର୍ଷିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ରାଉତ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଫାର୍ମାସ୍ୟୁଟିକାଲ କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ଏକ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ଼ ଗଠନ କରିବା, ନକଲି ଏବଂ ଭେଜାଲ ଔଷଧ ବ୍ୟବସାୟକୁ ଦମନ କରାଯିବା, ଫାର୍ମାସ୍ୟୁଟିକାଲ କର୍ମଚାରୀମାନଙ୍କ ଚାକିରୀ ନିରାପତ୍ତା ଯୋଗାଇଦେବା ଭଳି ଦାବିଗୁଡ଼ିକ ଉପସ୍ଥାପନ ପାଇଁ ସମ୍ମିଳନୀରେ ପାରିତ ହୋଇଥିଲା। ସୁଶାନ୍ତ ସାମଲ, କାଳନ୍ଦୀ ମହାଳିକ, ପ୍ରଦୀପ ମହାନ୍ତି, ନିହାର ରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ରଥ, ଚକ୍ରଧର ପରିଡା, ପ୍ରତାପ ମିଶ୍ର, ସୁରେନ୍ଦ୍ର ବାରିକ, ମାନସ ପାଢ଼ୀ, ଅଭୟ ସ୍ୱାଇଁ, ଭିକାରୀ ଚରଣ ପଟ୍ଟନାୟକ, ମନୋଜ କାନୁନ୍‌ଗୋ, ରତ୍ନାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅମିତ ବରାଳ ଧନ୍ୟବାଦ ଦେଇଥିଲେ।

# ଯୁଦ୍ଧ ମାନବ ସମାଜକୁ ଧ୍ୱଂସ କରିଦେବ

କଟକ ଅଫିସ,୬।୩

ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ କଟକ ଗାନ୍ଧୀଭବନଠାରେ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଯୁଦ୍ଧର କାରଣ ଓ ଜଗତୀକରଣ ବିଷୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଦ୍ଧ ମାନବ ସମାଜକୁ ଧ୍ୱସଂ କରିଦେବ ବୋଲି ବକ୍ତାମାନେ କହିଥିଲେ। ଖର୍ଚ୍ଚବହୁଳ ନିର୍ବାଚନ ଗଣତନ୍ତ୍ରକୁ ଧ୍ୱଂସ କରିଦେବ। ଶାସକମାନଙ୍କର ଏକଛତ୍ରବାଦୀ ମନୋଭାବ ଯୁଦ୍ଧକୁ ଡାକି ଆଣିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଡ. ହେମେନ୍ଦ୍ର ନାରାୟଣ ଦାସ, ସତ୍ୟ ରାୟ, ବିଶ୍ୱାବସୁ ଦାସ, ସର୍ବଶୀ ଚିରଂଜନ ମହାନ୍ତି, ଶିଶିର ଦାସ, ସୁକାନ୍ତ ନାୟକ, ପ୍ରଶାନ୍ତ ଦାସ, ଇଂ ସି.ବି. ଶାସ୍ତ୍ରୀ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଖାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଡ. ଦିନେଶ ଷଡଙ୍ଗୀ, ପୂର୍ବତନ ବିଧାୟକ କୁନାଲ ଷଡଙ୍ଗୀ, ଲକ୍ଷ୍ମୀ ମହାନ୍ତି, ଡ. ବିନି ଷଡଙ୍ଗୀ, ଡ. କୁମୁଦିନୀ ପାଢୀ, ଖଗେଶ୍ୱର ସେଠୀ, ଡଲି ଦାସ, ଧୀରେନ୍ଦ୍ର ପ୍ରତାପ, ଏକ୍ରାମ ହୁସେନ, ସୂର୍ଯ୍ୟ ସାହୁ, ସ୍ୱାଧୀନ ବେହେରା, ଗୀତା ଦାସ, ପାଭେଲ ପ୍ରିୟଦର୍ଶନ ପ୍ରମୁଖ ରବି ରାୟଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ରବି ରାୟ ଏକାଡେମୀର ସଞ୍ଚାଳକ ଇଂ. କ୍ଷୀରୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥି।